ଧରିତ୍ରୀ
DHARITRI
February 22-28, 2026 ₹ 2/-

ଧରିତ୍ରୀ
DHARITRI
52
Years

# ଛୁଟିଦିନ



ପକେଟ୍‌ରେ ନ ଥିଲା ଟଙ୍କା । କାହା ଅଧିନରେ କାମ କରିବାର ଇଚ୍ଛା ବି ନ ଥିଲା । କିନ୍ତୁ ସ୍ୱପ୍ନ ଥିଲା ନିଜର ସାମ୍ରାଜ୍ୟ ଗଢିବେ । ଆଉ କଲେ ବି । ରାସ୍ତାକଡ଼ରୁ ଆରମ୍ଭ କଲେ ନିଜର ବ୍ୟବସାୟ ଓ ବୁଦ୍ଧି ବଳରେ ପାଲଟିଗଲେ ଜଣେ ଜଣେ କୋଟିପତି...

୩
ପ୍ରଚ୍ଛଦ ପ୍ରସଙ୍ଗ

## ରାସ୍ତାକଡ଼ରୁ କୋଟିପତି

## କେଉଁ ବାସନରେ ଖାଦ୍ୟ ଖାଇଲେ କ'ଣ ଲାଭ ହୁଏ

ଖାଦ୍ୟ ଖାଇବା ପାଇଁ କିଏ ଷ୍ଟିଲ୍ ବାସନ ବ୍ୟବହାର କରିଥାନ୍ତି ତ କିଏ କଂସା ଅବା ପିତଳ ବାସନରେ ଖାଇବାକୁ ପସନ୍ଦ କରିଥାନ୍ତି। ସେହିପରି ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ସୁନା ହେଉକି ରୁପା ବାସନରେ ବି ଖାଇଥାନ୍ତି ତେବେ କେଉଁ ଧାତୁର ବାସନରେ ଖାଦ୍ୟ ଖାଇଲେ ଶରୀରକୁ କି ଉପକାର ମିଳେ ଜାଣନ୍ତୁ ସେ ସମ୍ପର୍କରେ...



✲ **ସୁନା:** ସୁନାବାସନ ମହଙ୍ଗା ହୋଇଥାଏ ; ଏହାକୁ ନିତ୍ୟ ବ୍ୟବହାର କରିବା ସମ୍ଭବ ହୁଏନି। ହେଲେ ଏହି ବାସନରେ ଖାଇଲେ ରୋଗପ୍ରତିରୋଧକ ଶକ୍ତି ଓ ଉର୍ଜା ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି।
✲ **ରୁପା:** ରୁପା ବାସନରେ ଖାଦ୍ୟ ଖାଇଲେ ଶରୀରକୁ ଶୀତଳତା ମିଳିବା ସହ ବ୍ୟାକ୍ଟେରିଆ କମ୍ ହୋଇଥାଏ ବୋଲି ବିଶ୍ୱାସ।
✲ **କଂସା:** ଏହି ବାସନରେ ଖାଦ୍ୟ ଖାଇଲେ ପାଚନ ଶକ୍ତି ବଢ଼େ। କିନ୍ତୁ ଖଟା ଜାତୀୟ ଖାଦ୍ୟ ପ୍ରଦାର୍ଥ ଏଥିରେ ଖାଇବା ଠିକ୍ ନୁହେଁ।
✲ **ତମ୍ବା:** ତମ୍ବା ପାତ୍ରରେ ପାଣି ରଖିଲେ ତାହା ଶୁଦ୍ଧ ହୋଇଥାଏ ; ଯାହାକି ଶରୀର ପାଇଁ ଜରୁରୀ। ଏହି ବାସନରେ ଖାଦ୍ୟ ଖାଇବା ବି ଉପକାରୀ। ହେଲେ ଏଥିରେ ଖଟା ଜିନିଷ ଖାଇବା ଠିକ୍ ନୁହେଁ।
✲ **ପିତଳ:** ଏହି ବାସନରେ ଖାଦ୍ୟ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ କିନ୍ତୁ ଏଥିରେ ଖଟା ଜିନିଷକୁ ବେଶି ସମୟ ରଖିବେନି।
✲ **ଲୁହା:** ଲୁହା ତିଆରି ବାସନକୁସନରେ ଖାଦ୍ୟ ରାନ୍ଧିଲେ ଅବା ଖାଦ୍ୟ ଖାଇଲେ ଶରୀରରେ ଆଇରନ୍‌ର ମାତ୍ରା ବୃଦ୍ଧିପାଏ। କିନ୍ତୁ ବେଶି ରାତିରେ ଲୁହା ପାତ୍ରରେ ଖାଦ୍ୟ ଖାଇବା ଓ ଏଥିରେ ଖଟା ଜିନିଷ ଖାଇବା ଠିକ୍ ନୁହେଁ।
✲ **ଷ୍ଟିଲ:** ସବୁଠୁ ଶସ୍ତା, ସୁନ୍ଦର, ମଜଭୁତ୍ ହୋଇଥାଏ ଷ୍ଟିଲ୍ ବାସନରେ ଖାଦ୍ୟ ଖାଇବା। ଏଥିରୁ ଶରୀରକୁ ବିଶେଷ ଉପକାର ନ ମିଳୁଥିଲେ ବି ବ୍ୟବହାର କରିବାରେ ସୁବିଧା ହେଉଥିବା ଯୋଗୁ ଏହା ଅଧିକାଂଶଙ୍କର ପ୍ରିୟ ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୨୨-୨୮, ୨୦୨୨

**ମେଷ**


ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହାନୁଭୂତି, ଭ୍ରାତୃସମ୍ପର୍କରେ ଫାଟ, ପାରିବାରିକ ଆଲୋଚନା, ସାହିତ୍ୟକୃତିରୁ ସମ୍ମାନ, ବିବାଦରେ ବିଜୟ, ଆତ୍ମୀୟଙ୍କ ସମାଲୋଚନା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, କ୍ରୀଡ଼ାଚଳଚ୍ଚିତ୍ରରେ ସମସ୍ୟା ।।

**ବୃଷ**

ଶାରୀରିକ ଅସୁସ୍ଥତା, ସହକର୍ମୀଙ୍କ ସହାନୁଭୂତି, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, କାର୍ଯ୍ୟହାନୀରୁ ମନସ୍ତାପ, ପାରିବାରିକ ସୌହାର୍ଦ୍ଦ୍ୟ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ମୂଲ୍ୟବାନ୍ ଜିନିଷ କ୍ରୟ, ବ୍ୟବସାୟିକ ସଫଳତା ।।


**ମିଥୁନ**

ବୈଷୟିକ ଅଭିବୃଦ୍ଧି, ନିଯୁକ୍ତି ଅଫର୍ ପାଇବେ, ରପ୍ତାନୀ ବାଣିଜ୍ୟରେ ପ୍ରତିବନ୍ଧକ, ପୈତୃକ ସମ୍ପତିରେ କଳହ, ସଭାସମିତିକୁ ନିମନ୍ତ୍ରଣ, ଦୈହିକ ଦୁର୍ବଳତା, ପାରିବାରିକ ଶାନ୍ତି, ସାଧନାରେ ଅଗ୍ରଗତି, କଲ୍ୟାଣମୂଳକ କାର୍ଯ୍ୟ, ଗୃହ ସାଜସଜ୍ଜା ।।

**କର୍କଟ**

କର୍ମଜଞ୍ଜାଳ ବୃଦ୍ଧି, ଭାବପ୍ରବଣତା ବଢ଼ିବ, ନୂତନ ବନ୍ଧୁତ୍ୱ, ସନ୍ତାନଙ୍କ ବିବାହ ପ୍ରସ୍ତାବ, ବିବାଦର ସମାଧାନ, ଯାନବାହନ ନବୀକରଣ, କର୍ମକ୍ଷେତ୍ରରେ ଗୌରବ, ପ୍ରକାଶନରେ ସଫଳତା।

**ସିଂହ**

ବନ୍ଧୁବତ୍ସଳ ହେବେ, ପରୋପକାରରୁ ପ୍ରଶଂସା, ଖଳଲୋକଙ୍କ ଅପପ୍ରଚାର, ଟେନସନ୍ ବୃଦ୍ଧି, ମନୋରଞ୍ଜନର ମଉକା, ପରିସ୍ଥିତି ବଦଳିବ, ଖର୍ଚ୍ଚ ପରିମାଣ ବଢ଼ିବ, ଖାଦ୍ୟପେୟର ଅନିୟମିତତା, ସମ୍ପର୍କୀୟଙ୍କ ବେଖାତିର ।।


**କନ୍ୟା**

ନୂତନ କର୍ମାରମ୍ଭ, ରଚନାତ୍ମକ କାର୍ଯ୍ୟାରମ୍ଭ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପରିଜନଙ୍କ ସହ ଭ୍ରମଣ, ଋଣଗ୍ରସ୍ତ ହେବେ, ମିଥ୍ୟାଗୁଜବରୁ ଆଶଙ୍କା, ସାମ୍ବାଦିକତାରୁ ସମ୍ମାନ, ଶିଳ୍ପ ବାଣିଜ୍ୟର ଅଭିବୃଦ୍ଧି, ସ୍ଥାନାନ୍ତର ଚିନ୍ତା ।।

**ତୁଳା**

ମାନସିକ ଶାନ୍ତି, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ବନ୍ଧୁବର୍ଗଙ୍କ ପ୍ରଶଂସା, ପଡୋଶୀଙ୍କ ପ୍ରତାରଣା, ଆତ୍ମୀୟଙ୍କ ଆକ୍ଷେପୋକ୍ତି, କରଜଦାତାଙ୍କ ଚାପ ବୃଦ୍ଧି, ଆଇନ ସହାୟତା ପାଇବେ, ପ୍ରତିବନ୍ଧକ ଦୂର ହେବ, ନୂତନ କାର୍ଯ୍ୟାରମ୍ଭ କରିବେ, କଳାପ୍ରିୟ ହୋଇପାରନ୍ତି ।।

**ବିଛା**

ଉଜ୍ଜ୍ୱଳିତ କରିବେ, ଉପରିସ୍ଥଙ୍କ ସହଯୋଗ, ବିବାଦରେ ମଧ୍ୟସ୍ଥତା, ସମାଲୋଚିତ ହୋଇପାରନ୍ତି, କର୍ମକ୍ଷେତ୍ରରେ ବାଧାବିଘ୍ନ, ସ୍ୱାସ୍ଥ୍ୟରେ ବ୍ୟତିକ୍ରମ, ପାରିବାରିକ ପରାମର୍ଶ, ଶତ୍ରୁତାର ସମାଧାନ, ଧର୍ମକାର୍ଯ୍ୟରେ ରୁଚି, ଶିକ୍ଷା ପରୀକ୍ଷାରେ ସଫଳତା ।।

**ଧନୁ**

ନୂତନ ଯୋଜନାରମ୍ଭ, ଭ୍ରମଣ ସୁଯୋଗ ପାଇବେ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପଡୋଶୀଙ୍କ ପ୍ରତିବାଦ, ମନ ଭାରାକ୍ରାନ୍ତ ରହିବ, ବାଣିଜ୍ୟରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟକୁ ନିମନ୍ତ୍ରଣ, ନୂତନବନ୍ଧୁତ୍ୱ ସ୍ଥାପନ ।।

**ମକର**

ଆରୋଗ୍ୟ ଲାଭ, ଶୁଭଖବର ପାଇବେ, କର୍ମକ୍ଷେତ୍ରରେ ପ୍ରଶଂସା, ରାଜନୀତିରେ ନେତୃତ୍ୱ, ଯାନ୍ତ୍ରିକ ଜିନିଷ କ୍ରୟ, ଗବେଷଣାରେ ଅଗ୍ରଗତି, ଜମିଜମା ରେଜିଷ୍ଟ୍ରେଶନ, କଚେରୀ ମାମଲାରେ ସଫଳତା, ବ୍ୟବସାୟରେ କ୍ଷତି ।।

**କୁମ୍ଭ**


ସ୍ନାୟବିକ ଦୁର୍ବଳତା, ଅର୍ଥାଭାବରୁ ଦୁଃଶ୍ଚିନ୍ତା, ସହକର୍ମୀଙ୍କ ସୌଜନ୍ୟତା, କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ, ଟେନସନ କମିଯିବ, ଧର୍ମକାର୍ଯ୍ୟରେ ତତ୍ପରତା, ସନ୍ତାନହେତୁକ ଗୌରବ, ସତ୍ସଙ୍ଗର ସୁଯୋଗ ।।

**ମୀନ**

ସ୍ଥଗିତ କର୍ମାରମ୍ଭ, ଅଧସ୍ତନଙ୍କ ଅନୁରକ୍ତି, ଗୃହସଜ୍ଜାରେ ଆଗ୍ରହ, ନୂତନ ସମ୍ପର୍କ ଯୋଡ଼ିବେ, ବିବାଦର ପରିସମାପ୍ତି, ବ୍ୟବସାୟିକ ଉନ୍ନତି, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ବନ୍ଧୁଙ୍କ ହତାଦର, ପ୍ରଶାସନିକ ଆଲୋଚନା, ତୀର୍ଥାଟନ କରିପାରନ୍ତି ।।

# ଲେମ୍ବୁରେ ଲୁଚି ରହିଛି ସୌନ୍ଦର୍ଯ୍ୟର ଗୁଣ

**ଲେମ୍ବୁ** ଏମିତି ଏକ ଖାଦ୍ୟ ଜିନିଷ ; ଯାହାକୁ ସରବତ କରି ପିଇହେବ, ଖଟା କରି ଖାଇହେବ, ତା'ରେ ପକାଇ ଲେମନ୍ ଟି ବି ପ୍ରସ୍ତୁତ କରିହେବ। କେବଳ ଏତିକି ନୁହେଁ, ଲେମ୍ବୁକୁ ବ୍ୟବହାର କରି ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି କରିହେବ। ଯେମିତି କି: ✲ ମୁହଁ, ବେକ, ହାତ କିମ୍ବା ପାଦରେ ନିୟମିତ କିଛି ସମୟ ଲେମ୍ବୁ ଘଷିଲେ ତ୍ୱଚାରେ ଚମକ୍ ଆସିବା ସହ ଦାଗ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ✲ ଯେଉଁମାନଙ୍କର ତେଲିଆ ତ୍ୱଚା ଯୋଗୁ ବ୍ରଣ ହେଉଥାଏ, ସେମାନେ ମହୁ ସାଙ୍ଗରେ ଲେମ୍ବୁ ରସ ମିଶାଇ ମୁହଁରେ ଲଗାଇଲେ ଅନେକ ଉପକାର ମିଳେ। ✲ ସେହିପରି କୁହାଯାଏ ଖରାଦିନେ ଯେଉଁମାନଙ୍କର ଝାଳ ବୋହିବା ସମସ୍ୟା ଥାଏ, ସେମାନେ କାଖରେ କିଛି ସମୟ ଲେମ୍ବୁ ଘଷି ତା'ପରେ ପରିଷ୍କାର ହୋଇ ଗାଧୋଇ ପଡିଲେ, ଝାଳ ବେଶି ଗନ୍ଧ ହୁଏନି। ✲ ଅନ୍ୟପକ୍ଷେ ଲେମ୍ବୁରେ ଅଳ୍ପ ଚିନି ରଖି ତାହାକୁ ନଖ, କହୁଣି, ଆଣ୍ଠୁ ଅବା ଗୋଇଠିରେ ନିୟମିତ କିଛି ସମୟ ରଗଡ଼ିଲେ କଳାଦାଗ ଦୂର ହେବା ସହ ସେଥିରେ ଚମକ ଆସେ, ତା'ସହିତ ନଖ ଭଲ ବଢ଼ିଥାଏ। ✲ ମୁଣ୍ଡରୁ ରୁପି ଦୂର କରିବାରେ ବି ଲେମ୍ବୁ ରସ ଉପକାରୀ ହୋଇଥାଏ। ଏହାକୁ ସିଧାସଳଖ ମୁଣ୍ଡରେ ଘଷିପାରିବେ ଅବା ନଡ଼ିଆ ତେଲ ସହିତ ମିଶାଇ ଲଗାଇ ପାରିବେ। ✲ ଆଲୋଭେରା ଜେଲ୍ ସହିତ ଲେମ୍ବୁ ରସ ମିଶାଇ ରାତିରେ ଲଗାଇବେ ଆଉ ସକାଳୁ ଥଣ୍ଡା ପାଣିରେ ଧୋଇଦେବେ। ଏମିତି କିଛିଦିନ କଲେ ତ୍ୱଚା ଟାଇଟ୍ ହେବା ସହ ସେଥିରେ ଚମକ୍ ଆସିଥାଏ ବୋଲି ବିଶ୍ୱାସ ରହିଛି।



## ପାଠକୀୟ

✲ ଏମାନେ ଖୁବ୍ ଧନୀ ନୁହନ୍ତି କି ଏମାନଙ୍କ ବିବାହରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇନି। ତଥାପି ଏମାନଙ୍କ ବିବାହକୁ ନେଇ ବେଶ୍ ଚର୍ଚ୍ଚା ହେବା ସହ ଭାଇରାଲ୍ ହୋଇଛି ସୋସିଆଲ ମିଡ଼ିଆରେ। ତେଣୁ ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଭାଇରାଲ୍ ବିବାହ' ଖୁବ୍ ସୁନ୍ଦର ହୋଇଥିଲା। 'ଭାଲେଣ୍ଟାଇନ୍ସ ଡେ'ରେ କ'ଣ ଉପହାର ଦେବେ' ପାଠଟିରୁ ବହୁ ଅଜଣା କଥା ଜାଣିହେଲା।

**– ରଶ୍ମିରେଖା ସାହୁ, ଭୁବନେଶ୍ୱର**

✲ 'ଭାଇରାଲ୍ ବିବାହ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ହୃଦୟଛୁଆଁ ହୋଇଥିଲା। ସେଲିବ୍ରିଟି ସିକ୍ରେଟ୍‌ରୁ ଅଭିନେତ୍ରୀ ମିଠିଙ୍କ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ହିଟ୍‌ଲରଙ୍କ ପ୍ରେମକାହାଣୀ' ଶୀର୍ଷକ ପାଠଟି ମଧ ବେଶ୍ ନିଆରା ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଘୁଗୁଡ଼ି' ଶୀର୍ଷକ ପାଠଟି ମନଛୁଆଁ ହୋଇଥିଲା।

**– ସଞ୍ଜୟକାନ୍ତ ମହାନ୍ତି, ପୁରୀ**

✲ ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'କଥା ରଖିଲେ ରଶ୍ମିକା', 'ଦ୍ୱନ୍ଦ୍ୱରେ ପ୍ରିୟଙ୍କା', 'ଭାଗ୍ୟବାନ ସନି' ଆଦି ପାଠଗୁଡ଼ିକ ମଜାଦାର୍ ହୋଇଥିଲା। ଲେଖକ ଶ୍ୟାମାଜିଙ୍କର ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ମଜାଦାର୍ ହେବା ସହ ମନଛୁଆଁ ଲାଗୁଥିଲା।

**– ରାକେଶ ପଣ୍ଡା, କଟକ**

✲ 'କୋକଲଗଡ଼' ସମ୍ପର୍କରେ ଛୁଟିଦିନରୁ ପଢି ବହୁ ଅଜଣା କଥା ଜାଣିହେଲା। ସହରଠୁ ଦୂର ପୃଷ୍ଠାରେ ସ୍ଥାନିତ 'ବାଆଁରାର ସୁବୁଦ୍ଧେଶ୍ୱର ମନ୍ଦିର' ଶୀର୍ଷକ ପାଠଟି ବି ଖୁବ୍ ରୋଚକପୂର୍ଣ୍ଣ ଥିଲା। 'ପୁରୁଷଙ୍କ ପସନ୍ଦ କେଶବତୀ ନାରୀ' ଶୀର୍ଷକ ପାଠଟି ମଧ ମନଛୁଆଁ ହେବା ସହ ତଥ୍ୟପୂର୍ଣ୍ଣ ହୋଇଥିଲା।

**– ସ୍ୱପ୍ନମୟୀ ଦାସ, ପାରାଦୀପ**

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ମଧୁର ଜହର' ଶୀର୍ଷକ ପାଠଟିରୁ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସ୍ୱର୍ଗକୁ ଶିଡ଼ି', 'ଜୋକର୍ ମୋଟେଲ', 'ଡ୍ରେନ୍ ନା ଆକ୍ୱାରିୟମ୍!' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ହେବା ସହ ତଥ୍ୟପୂର୍ଣ୍ଣ ଥିଲା।

**– ଧନଞ୍ଜୟ ବରାଳ, ଭଦ୍ରକ**



## ବିଶେଷ ଚିଠି

ଭାଇରାଲ୍ ବିବାହକୁ ନେଇ ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ, ନିଆରା ଲାଗିବା ସହ ଦେଉଥିଲା ଅପୂର୍ବ ଆନନ୍ଦ। ତା'ସାଙ୍ଗକୁ ଥିଲା ମିଠିଙ୍କ ସେଲିବ୍ରିଟି ସିକ୍ରେଟ୍ ମନ କିଣି ନେଉଥିଲା ପୁଣି ସିନେମାର ନୂଆ ନୂଆ ଟ୍ୱିଷ୍ଟ। ଛୁଟିଦିନର ସବୁ ପୃଷ୍ଠା ଲାଗେ ଭାରି ବଢ଼ିଆ, ମନ କହୁଛି ଛୁଟିଦିନ ତୁ ସବୁଦିନ ଆ।

**–ଅର୍ପିତା ପ୍ରିୟଦର୍ଶୀ, ମାଲକାନଗିରି**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ରାସ୍ତାକଡ଼ରୁ କୋଟିପତି



କାହାରି ଅଧୀନରେ କାମ କରିବାକୁ ଏମାନଙ୍କ ମନ ସ୍ୱୀକାର କରି ନ ଥିଲା। ଯେମିତି ବି ହେଉ ନିଜ ଗୋଡ଼ରେ ନିଜେ ଠିଆ ହେବେ। ନିଜ ପାଇଁ ରୋଜଗାରର ମାଧ୍ୟମ ଖୋଜିବା ସହ ଅନ୍ୟର ରୋଜଗାରର ମାଧ୍ୟମ ବି ପାଲଟିବେ। ତେଣିକି ସେ ରାସ୍ତାକଡ଼ରେ ଛୋଟିଆ ବ୍ୟବସାୟଟିଏ ହେଉ ପଛେ ତାକୁ ନେଇ ଭବିଷ୍ୟତର ସ୍ୱପ୍ନ ଦେଖିବେ। ସେଇଥିରେ ମନପ୍ରାଣ ଲଗାଇ ଦେବେ, ଆଉ ନିଜର ଛୋଟ ବ୍ୟବସାୟଟିକୁ ଆକାଶଛୁଆଁ କରାଇବେ। ସେଇ ଝୁଙ୍କ୍ ତାଙ୍କୁ ଆଗକୁ ଆଗେଇ ନେଲା। ଆଉ ରାସ୍ତାକଡ଼ ବ୍ୟବସାୟୀରୁ ପାଲଟିଗଲେ କୋଟିପତି ବ୍ୟବସାୟୀ। ସେମିତି କେତେଜଣ ରାସ୍ତାକଡ଼ ବ୍ୟବସାୟୀଙ୍କ ସଫଳ କାହାଣୀ..

**ପକେଟ୍‌ରେ ଟଙ୍କା ନ ଥିଲା ସତ, ହେଲେ ମନ ଥିଲା ରାଜା ଭଳି। କାହାରି ଅଧିନରେ କାମ କରିବେ ନାହିଁ। ନିଜେ ନିଜର ସାମ୍ରାଜ୍ୟ ଗଢିବେ। ଆଉ ସେ ସାମ୍ରାଜ୍ୟର ରାଜା ନିଜେ ହେବେ। ସେଥିପାଇଁ ରାସ୍ତାକଡ଼ରେ ଛୋଟିଆ ବ୍ୟବସାୟଟିଏ ହେଉ ପଛେ କରିବେ। ସେଇଥିରେ ମନପ୍ରାଣ ଲଗାଇ ତାକୁ ଆଗକୁ ବଢାଇବେ ଓ ଆକାଶଛୁଆଁ କରିବେ...**

## ଏମ୍‌ବିଏ ଚାୟେବାଲା

ମଧ୍ୟପ୍ରଦେଶର ପ୍ରଫୁଲ୍ଲ ବିଲୋର। ପିଲାବେଳୁ ବହୁତ ଭଲ ପଢୁଥିଲେ। ଇଚ୍ଛାଥିଲା ବଡ଼ ହୋଇ ବହୁତ ପାଠ ପଢିବେ, ଭଲ ସରକାରୀ କଲେଜରେ ଏମ୍‌ବିଏ କରିବେ। ସେଥିପାଇଁ ସେ ଅନେକ ପ୍ରୟାସ ବି କଲେ। ହେଲେ ସବୁ ପ୍ରୟାସ ସତ୍ତ୍ୱେ କ୍ୟାଟ୍ କ୍ଲିୟର କରିପାରିଲେ ନାହିଁ। ମନ ବହୁତ କଷ୍ଟ ହେଲା। ଭବିଷ୍ୟତ କ'ଣ ହେବ, ଆଗକୁ କ'ଣ କରିବେ ଭାବି ଭାବି ଚେନ୍ନାଇ, ମୁମ୍ବାଇ, ହାଇଦ୍ରାବାଦ ଆଦି ସହର ବୁଲିଲେ। ତଥାପି କିଛି ଯୋଜନା କରି ପାରିଲେ ନାହିଁ। ପରେ ଜେଫ୍ ବେଜୋସ, ରିଚାର୍ଡ ବ୍ରାନସନଙ୍କ ପରି ବଡ଼ ବଡ଼ ବ୍ୟବସାୟୀଙ୍କ ଜୀବନୀ ପଢିଲେ। ଆଉ ଜାଣିବାକୁ ପାଇଲେ ଏମାନେ ସମସ୍ତେ ଦିନେ ମ୍ୟାକଡୋନାଲ୍ଡସ୍‌ରେ କାମ କରୁଥିଲେ। ଏହାପରେ ୧୯୯୬ରେ ଜନ୍ମିତ ପ୍ରଫୁଲ ଅହମଦାବାଦରେ ମ୍ୟାକ୍ ଡୋନାଲ୍ଡସ୍‌ରେ ଡେଲିଭରି ବୟ ଭାବେ କାମ କଲେ। ସେଠି ତାଙ୍କୁ ପ୍ରଥମେ ଘଣ୍ଟା ପ୍ରତି ୩୭ ଟଙ୍କା ମିଳୁଥିଲା। କିଛି ଦିନ ପରେ ତାଙ୍କର ପ୍ରମୋଶନ ହେଲା। ଆଉ ସେ କ୍ୟାଶିୟର୍ ହୋଇଗଲେ। ହେଲେ ଏଥିରେ ସେ ସନ୍ତୁଷ୍ଟ ନ ଥିଲେ। କାରଣ ତାଙ୍କର ସ୍ୱପ୍ନ ଥିଲା ଆଉ କିଛି। ଚାକିରି କରିବା ଭିତରେ ପ୍ରଫୁଲ୍ଲଙ୍କ ମନକୁ ଏକ କଥା ଆସିଲା । ସେ ଭାବିଲେ ବିଦେଶୀ କମ୍ପାନୀ ଆମ ଦେଶରେ ବର୍ଗର୍ ବିକି ଏତେ ଅଧିକ ରୋଜଗାର କରିପାରୁଛି। ଆଉ ଆମେ ଯଦି ନିଜର ଏମିତି କିଛି ପ୍ରଡକ୍ଟ ବାଛିବା, ଯାହାକି ପୂରା ଦେଶକୁ କନେକ୍ଟ କରେ, ତା'ହେଲେ ଆମେ ବି ନିଶ୍ଚୟ ଭଲ ରୋଜଗାର କରିପାରିବା। ଅନେକ ଭାବିବା ପରେ ସେ ଏଇ ନିଷ୍କର୍ଷରେ ପହଞ୍ଚିଲେ ଯେ, କେବଳ ଚା' ହିଁ ହେଉଛି ଏମିତି ଏକ ଜିନିଷ ଯାହା ପୂରା ଦେଶରେ ସାଧାରଣରୁ ସାଧାରଣ ଲୋକଙ୍କର ପ୍ରଥମ ପସନ୍ଦ। ଏହା ହିଁ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧେ। ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ସମସ୍ତେ ଚା' ପାଇଁ ପାଗଳ। ତେଣୁ ସେ କାଫେ କରିବେ ବୋଲି ଭାବିଲେ। ହେଲେ ପାଖରେ ଏତେ ଟଙ୍କା ନ ଥାଏ। ତେଣୁ ଛୋଟିଆ ଷ୍ଟଲ୍‌ଟେ କଲେ। ଦୋକାନ ପାଇଁ ଜରୁରୀ ବାସନ ଓ ଅନ୍ୟ ସାମଗ୍ରୀ ଲାଗି ବାପାଙ୍କୁ ମିଛ କହି ଟଙ୍କା ଆଣିଲେ। ଆଉ ଚା' ଷ୍ଟଲ୍ ଆରମ୍ଭ କଲେ। ପ୍ରଫୁଲ୍ଲ ସକାଳ ୯ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମ୍ୟାକଡୋନାଲ୍ଡସ୍‌ରେ କାମ କରୁଥିଲେ। ସନ୍ଧ୍ୟା ୭ରୁ ରାତି ୧୧ଟା ଯାଏ ନିଜ ଟି ଷ୍ଟଲ୍‌ରେ ଚା' ବିକ୍ରି କଲେ। ତେବେ ତାଙ୍କ ଚା' ବିକିବା ପଦ୍ଧତି ଥିଲା ଟିକେ ଭିନ୍ନ। ମାଟିକପ୍‌ରେ ପରଷିବା ସହ ଟୋଷ୍ଟ, ଟିସ୍ୟୁ ପେପର୍ ଦେଉଥିଲେ ଓ  ଗ୍ରାହକମାନଙ୍କ ସହ ସେ ଇଂଲିଶରେ କଥା ହେଉଥିଲେ। ତାଙ୍କର ଇଂଲିଶ କହିବା ଶୈଳୀ ସମସ୍ତଙ୍କୁ ଆକୃଷ୍ଟ କରୁଥିଲା। ଧୀରେ ଧୀରେ ଚା' ଦୋକାନ ଭଲ ଚାଲିଲା। ଆସ୍ତେ ଆସ୍ତେ ଗ୍ରାହକଙ୍କ କେନ୍ଦ୍ରବିନ୍ଦୁ ହେଲା ତାଙ୍କ ଦୋକାନ। ତେଣୁ ସେ ଚାକିରି ଛାଡ଼ିଦେଲେ। ନିଜ ବ୍ୟବସାୟରେ ମନୋନିବେଶ କଲେ। ତାକୁ କିପରି ଆଗକୁ ବଢ଼ାଇବେ ସେଥିପାଇଁ ଆପ୍ରାଣ ଚେଷ୍ଟା କଲେ। ବ୍ୟବସାୟ ବି ବଢ଼ିଲା। ହେଲେ ଏହା ଦେଖି ଆଖପାଖ ଦୋକାନୀ ଅସହିଷ୍ଣୁ ହୋଇ ତାଙ୍କ ଦୋକାନ ବନ୍ଦ କରାଇଦେଲେ। ଏଥିରେ ଭାଙ୍ଗି ନ ପଡ଼ି ପ୍ରଫୁଲ୍ଲ ଅହମଦାବାଦରେ ବ୍ୟବସାୟ ପୁଣିଥରେ ଆରମ୍ଭ କରିବା ପାଇଁ ଜାଗା ଖୋଜିଲେ। ୨୦୧୭ରେ ୨୭ ବର୍ଷୀୟ ପ୍ରଫୁଲ୍ଲ ଆଇଆଇଏମ୍ ଅହମଦାବାଦ ସାମ୍ନା ଜାଗାକୁ ଭଡ଼ାରେ ନେଇ ସେଠି ନୂଆ ଷ୍ଟଲ୍ କଲେ। ଦିନେ ତାଙ୍କର ସ୍ୱପ୍ନ ଥିଲା କ୍ୟାଟ୍ କ୍ଲିୟର କରି ଆଇଆଇଏମ୍‌ରେ ଏମ୍‌ବିଏ କରିବେ। ଆଉ ସବୁଠୁ ଭଲ ଆଇଆଇଏମ୍ ସାମ୍ନାରେ ଷ୍ଟଲ୍ ବି କଲେ। ନାଁ ରଖିଲେ 'ଏମ୍‌ବିଏ ଚାୟେବାଲା', ଯାହାର ପୂରା ନାମ ଥିଲା 'ମିଷ୍ଟର ବିଲୋର ଅହମଦାବାଦ ଚାୟେବାଲା'। ଧୀରେ ଧୀରେ ବ୍ୟବସାୟ ବଢିବାକୁ ଲାଗିଲା। ଯାହାକି ଏବେ ଖୁବ୍ ବଡ଼ ହୋଇଗଲାଣି। ସାରା ଭାରତର ୫୦ଟି ସହରରେ ଏବେ 'ଏମ୍‌ବିଏ ଚାଏବାଲା'ର  ୨୦୦ଟି ଆଉଟ୍‌ଲେଟ୍ ଅଛି। ତାଙ୍କର ଭିନ୍ନ  ଭିନ୍ନ ଷ୍ଟାଇଲର କାଫେ ବି ଅଛି, ଯେମିତିକି ଡାଇନ ଇନ୍, ଲାଉଞ୍ଜ ଓ କିଓସ୍କ। ତାଙ୍କ ଟର୍ନ ଓଭର ଏବେ କୋଟି କୋଟି ଟଙ୍କାରେ ଆସୁଛି। ୨୦୨୩ରେ ତାଙ୍କର ନେଟ୍ ୱର୍ଥ ୨୫-୩୦ କୋଟି ଥିଲା। ଏବେ ତାଙ୍କର କିଛି ଅଭାବ ନାହିଁ। ବିଳାସମୟ ଜୀବନ ବିତାଉଛନ୍ତି। ତାଙ୍କର ଅନେକ ଲକ୍ଜ୍ୟୁରିୟସ୍ କାର୍ ବି ଅଛି। ଏମ୍‌ବିଏ ନ କଲେ ବି ଏମ୍‌ବିଏ 'ଚାୟେବାଲା ନାଁ'ରେ ଆଜି ସେ ସାରା ଦେଶରେ ପରିଚିତ।

## ବିଏମ୍‌ଡବ୍ଲ୍ୟୁରେ ଆସି ବିକନ୍ତି ଦହିବରା

ଦିଲ୍ଲୀ ଯେବେ ଚଳଚଞ୍ଚଳ ହୁଏ, ନେହେରୁ ପ୍ଲେସ୍‌କୁ ଆସେ ଏକ ବିଏମ୍‌ଡବ୍ଲ୍ୟୁ ଗାଡି। ସେଇ ଗାଡିରୁ ଓହ୍ଲାନ୍ତି ମୁକେଶ ଶର୍ମା ନାମକ ଜଣେ ବ୍ୟକ୍ତି। ଗାଡିରୁ ଓହ୍ଲାଇ ଡିକିରୁ ବାହାର କରନ୍ତି ଥଣ୍ଡା ଦହି , ମସଲା ଡବା ଓ ଫୋଲ୍ଡିଂ ଟେବୁଲ। ଟେବୁଲକୁ ତଳେ ରଖି ତା' ଉପରେ ଦହିବରାର



ପ୍ରଫୁଲ୍ଲ ବିଲୋର


ମୁକେଶ ଶର୍ମା











କେ.ଆର ଭାସ୍କର

ପସରା ମେଲାନ୍ତି । ଚାହୁଁ ଚାହୁଁ ତାହା ପାଲଟିଯାଏ ଏକ ଦହିବରା ଆଡ୍ଡା । ଗ୍ରାହକଙ୍କ ଲମ୍ବା ଲାଇନ୍ ଲାଗେ । ତାଙ୍କ ଦହିବରା ଏତେ ସ୍ୱାଦିଷ୍ଟ ଯେ, ଅଳ୍ପ ସମୟ ଭିତରେ ସବୁ ସରିଯାଏ । ୧୯୮୯ରୁ ମୁକେଶ ଶର୍ମା କରି ଆସୁଛନ୍ତି ଏହି ବ୍ୟବସାୟ, ସେ ପୁଣି ଏଇ ସ୍ଥାନରେ । ପ୍ରଥମେ ପ୍ଲେଟ୍ ପିଛା ଥିଲା ୨ ଟଙ୍କା । ଏବେ ପ୍ଲେଟ୍ ପିଛା ୪୦ଟଙ୍କା ।  ବ୍ୟବସାୟ ଖୁବ୍ ବଢିଗଲାଣି । ମୁକେଶଙ୍କ ଆୟ ଏବେ କୋଟି ଛୁଇଁଲାଣି । ହେଲେ ଏବେ ବି ସେ ସେଇ ପୁରୁଣା ଢାଞ୍ଚାରେ ଦହିବରା ବିକ୍ରି କରୁଛନ୍ତି । ଖାଲି ଗୋଟିଏ ଫରକ ହେଉଛି, ଏବେ ସେ ଦହିବରା ବିକିବା ପାଇଁ ଆସୁଛନ୍ତି ବିଏମ୍‌ଡବ୍ଲ୍ୟୁ ଗାଡିରେ । ଗାଡିରୁ ଓହ୍ଲାଇ ସେ ନିଜର ଫୋଲ୍ଡିଂ ଟେବୁଲ ଉପରେ ଆରମ୍ଭ କରି ଦିଅନ୍ତି ବେପାର । ତାଙ୍କ ଦହି ବରାର ସ୍ୱାଦ ଓ ଗୁଣବତ୍ତା ପୂର୍ବପରି ରହିଛି । ସେଥିପାଇଁ ଗ୍ରାହକଙ୍କର ଏବେ ବି ସେ ପ୍ରଥମ ପସନ୍ଦ । ତାଙ୍କ ଦହିବରାରେ ପ୍ରତିଦିନ ୪୦ କି.ଗ୍ରା.ର ତାଜା ଦହି ବ୍ୟବହାର ହୁଏ । ଯାହାକୁ ଚିକ୍କଣ ଓ ମଲାଇଦାର ହେବା ପର୍ଯ୍ୟନ୍ତ ଫେଣ୍ଟାଯାଏ । ପରଷିବା ପୂର୍ବରୁ ବରଫ ଖଣ୍ଡରେ ଥଣ୍ଡା କରାଯାଏ ।  ଏହାପରେ ବରା ଉପରେ ଏକ ବିଶେଷ ପ୍ରକାରର ୧୬ ସାମଗ୍ରୀବାଲା ମସଲାର ପରସ୍ତ ଚଢାଯାଏ । ଫଳରେ ଏକ ଚମତ୍କାର ସ୍ୱାଦ ଆସିଥାଏ ତାଙ୍କ ଦହି ବରାରେ । ବ୍ୟବସାୟିକ ସଫଳତା ପାଇବା ସତ୍ତ୍ୱେ ସେ ଆଜିଯାଏ ସ୍ଥାୟୀ ଦୋକାନଟିଏ କରି ନାହାନ୍ତି । କାରଣ ତାଙ୍କ ମତରେ ଷ୍ଟ୍ରିଟ୍ ଫୁଡ୍‌ର ମଜା ରୋଡ୍ ସାଇଡ୍ ଷ୍ଟଲ୍‌ରେ ହିଁ ଥାଏ ।

## ପୁରନପୋଲି ରାଜା

ଖୁବ୍ କମ୍ ବୟସରୁ ହିଁ ପରିବାରର ବୋଝକୁ ମୁଣ୍ଡେଇଥିଲେ କର୍ନାଟକ, କୁନ୍ଦପୁରର କେ.ଆର ଭାସ୍କର । ୧୨ ବର୍ଷ ବୟସରୁ ସେ ହୋଟେଲରେ କେବେ ୱେଟର ତ କେବେ କ୍ଲିନର୍‌ଭାବେ କାମ କରିବା ଆରମ୍ଭ କରିଥିଲେ । ତା'ସହ ନିଜ ପାଠପଢ଼ାକୁ ବି ଜାରି ରଖିଥିଲେ । ପରେ ସେ ପାନ ଦୋକାନ କରିବା, ନୃତ୍ୟ ଶିଖାଇବା, ପକୋଡ଼ା ଓ ସ୍ନାକ୍ସ ବିକିବା ଭଳି ଅନେକ ଛୋଟମୋଟ କାମ କଲେ । ହେଲେ ଅଭିଜ୍ଞତାର ଅଭାବ ଓ ସମ୍ବଳ ନ ଥିବା ଯୋଗୁ ସେ କେଉଁଥିରେ ବି ସଫଳ ହୋଇପାରିଲେ ନାହିଁ । ତା'ସହ ରୋଷେଇ କଳାରେ ବି ଦକ୍ଷ ନ ଥିଲେ । ତେଣୁ ପ୍ରଥମେ ସେ ପୁରନପୋଲି ତିଆରି କରିବା କଳାରେ ନିଜକୁ ପରଫେକ୍ଟ କଲେ । ୨୩ ବର୍ଷ ବୟସ ବେଳକୁ ନିଜେ ପୁରନପୋଲି ତିଆରି କରି ମୁମ୍ବାଇର ଗଳିକନ୍ଦିରେ ବାଇସାଇକେଲରେ ବିକିବା ଆରମ୍ଭ କଲେ । ତା'ସହ ଏକ ଛୋଟିଆ ଷ୍ଟଲ୍ ବି ଖୋଲିଲେ । ଭଲ କ୍ୱାଲିଟିର ସ୍ୱାଦିଷ୍ଟ ପୁରନପୋଲି ନିଜେ ତିଆରି କରି ଗ୍ରାହକଙ୍କୁ ପରଷିଲେ । ଗ୍ରାହକ ବି ବେଶ୍ ପସନ୍ଦ କଲେ ତାଙ୍କ ପୁରନପୋଲିକୁ । ଏହା ପରେ ବ୍ୟବସାୟକୁ ବଢ଼ାଇବା ଲାଗି ସେ ସାଙ୍ଗମାନଙ୍କଠାରୁ ଧାରଉଧାର କଲେ । ଧୀରେ ଧୀରେ ବ୍ୟବସାୟ ବଢ଼ାଇଲେ । କ୍ୱାଲିଟି ଓ ହାଇଜିନ ଉପରେ ଧ୍ୟାନ ଦେଲେ । କଲର୍ ଫ୍ରି, ପ୍ରିଜରଭେଟିଭ ଓ କେମିକାଲ୍ ଫ୍ରି ପୁରନପୋଲି ପ୍ରସ୍ତୁତ କଲେ । ସେ ପୁଣି ବିଭିନ୍ନ ଭେରାଇଟିର । ପ୍ରାୟ ୨୪ ପ୍ରକାରର ପୁରନପୋଲି ସେ ପ୍ରସ୍ତୁତ କରନ୍ତି । ତା'ସହ ୪୦୦ ପ୍ରକାରର ସ୍ନାକ୍ସ, ମିକ୍ସଚର, ଲଡୁ ଆଦି ମଧ୍ୟ ବିକ୍ରି କରନ୍ତି । ୨୦୨୧ ମସିହା ଥାଣେରେ ସେ ତାଙ୍କର ପ୍ରଥମ ଆଉଟଲେଟ୍ 'ଭାସ୍କରସ୍ ପୁରନପୋଲି ଘର' କଲେ । ଏବେ ମହାରାଷ୍ଟ୍ରରେ ତାଙ୍କର ୪ଟି ଆଉଟ୍‌ଲେଟ୍ ଅଛି । ବ୍ୟବସାୟ ଏବେ ମଲ୍ଟିକ୍ରୋର୍‌ରେ ପହଞ୍ଚିଲାଣି । ତେବେ ଭାସ୍କର ସେତେବେଳେ ଅଧିକ ଚର୍ଚ୍ଚାକୁ ଆସିଲେ, ଯେବେ ସେ ଶାର୍କ ଟ୍ୟାଙ୍କ ସିଜନ୍ ୨ର ଏପିସୋଡ ୬ରେ ଆସିଥିଲେ ।  ଶାର୍କମାନେ ଭାସ୍କରଙ୍କ ସଂଘର୍ଷମୟ ଜୀବନ କାହାଣୀ ଶୁଣିଥିଲେ, ଯାହା ଶାର୍କଙ୍କ ହୃଦୟକୁ ଛୁଇଁଥିଲା ।

## ଫୁଟପାଥ୍‌ରେ ବିକୁଥିଲେ ଶାର୍ଟ, ଏବେ ୧୦୦ କୋଟିର ମାଲିକ:

ଫିଲ୍ମର କାହାଣୀ ଭଳି ରୋଚକ ରାଜା ନାୟକଙ୍କ ଜୀବନ । ବେଙ୍ଗାଲୁରୁର ଏକ ଗରିବ ଦଳିତ ପରିବାରରେ ଜନ୍ମ ରାଜାଙ୍କର । ପାଞ୍ଚ ଭାଇଭଉଣୀ ଥିଲେ । ବାପାଙ୍କ ସ୍ୱଳ୍ପ ରୋଜଗାରରେ ଗୋଟେ ଓଳି ଖାଇବା ବି ସମ୍ଭବ ହୋଇପାରୁ ନ ଥିଲା । ସ୍କୁଲର ଫି'ଦେବା ତ ଦୂର କଥା ।  ସେଥିପାଇଁ ଦଶମ ଶ୍ରେଣୀରୁ ତାଙ୍କୁ ପଢାରେ ଡୋରି ବାନ୍ଧିବାକୁ ପଡିଥିଲା । ଆଉ  ଖାଲି ସମୟ କେବଳ ଖଟି କରି ବିତାଉଥିଲେ । ଦିନେ ସେ ମା'ଙ୍କଠୁ ଟଙ୍କା ନେଇ ଅମିତାଭ ବଚ୍ଚନଙ୍କ ଫିଲ୍ମ 'ତ୍ରିଶୂଳ' ଦେଖିଲେ । ଏହି ଚଳଚ୍ଚିତ୍ର ତାଙ୍କ ଜୀବନରେ ଆଣିଲା ବିରାଟ ପରିବର୍ତ୍ତନ । ଯେଉଁଥିରେ ନାୟକ ଅମିତାଭ ଦାରିଦ୍ର୍ୟ ସହ ଲଢି ନିଜକୁ ଜଣେ ରିୟଲ ଇଷ୍ଟେଟ କିଙ୍ଗରେ ପରିଣତ କରିଥିଲେ । ସେଇଠୁ ତାଙ୍କ ମନରେ ଆସିଲା ସେ ବି ଦିନେ ଜଣେ ବଡ଼ ବ୍ୟବସାୟୀ ହେବେ । ୧୭ ବର୍ଷ ବୟସରେ ସେ କିଛି କରିବା ଆଶାରେ ଘର ଛାଡିଦେଲେ । ଚେନ୍ନାଇ ଚାଲିଗଲେ । ମା'ଙ୍କଠୁ କିଛି ଟଙ୍କା ଧାରରେ ନେଇଥିଲେ । ସେ ଟଙ୍କାରେ ଚେନ୍ନାଇରୁ କିଛି ଏକ୍ସପୋର୍ଟ ରିଜେକ୍ଟ ଶାର୍ଟ କିଣି ଆଣି ବେଙ୍ଗାଲୁରୁ ଫେରିଲେ । ଶାର୍ଟ ଭିତରେ ଅଧିକ ଥିଲା ନୀଳ ରଙ୍ଗର । ବୁଦ୍ଧି ଖଟାଇ ସେସବୁକୁ ସେ ମିକୋ ଫ୍ୟାକ୍ଟ୍ରି ନିକଟ ଫୁଟ୍‌ପାଥରେ ବିକ୍ରି କଲେ । କାରଣ ଏହି ଫ୍ୟାକ୍ଟ୍ରିର କର୍ମଚାରୀ ନୀଳରଙ୍ଗର ଶାର୍ଟ ୟୁନିଫର୍ମ ଭାବେ ପିନ୍ଧନ୍ତି । ତେଣୁ ଗୋଟିଏ ଦିନରେ ହିଁ ତାଙ୍କର ସବୁ ଶାର୍ଟ ବିକ୍ରି ହୋଇଗଲା । ଆଉ ୫୦୦୦ ଟଙ୍କାର ଲାଭ ହେଲା । ଏହା ପରେ ସେ ଗାର୍ମେଣ୍ଟ ହବ୍ ତିରୁପୁର ଗଲେ ଆହୁରି ଏକ୍ସପୋର୍ଟ ରିଜେକ୍ଟ ଓ ବଳକା ଗାର୍ମେଣ୍ଟ କିଣିବା ପାଇଁ । ସେଠି ସାର୍ଟ କିଲୋ ପିଛା ୩୦-୪୦ ଟଙ୍କାରେ ବିକ୍ରି ହେଉଥିଲା । ସେଗୁଡ଼ିକୁ କିଣି ବେଙ୍ଗଲୁରୁ ଫୁଟ୍‌ପାଥ୍‌ରେ ବିକ୍ରି କଲେ । ଏମିତି ଲାଭଦାୟକ ବ୍ୟବସାୟ କିଛି ବର୍ଷ ଚାଲିଲା । ଏହା ପରେ ସେ କୋହ୍ଲାପୁରୀ ଚପଲ, ଘରୋଇ ସାମଗ୍ରୀ ବି ବିକିଲେ । ପରେ କୋରମଙ୍ଗଳରେ ରେଷ୍ଟୁରାଣ୍ଟ ଖୋଲିଲେ । ନାଁ ଦେଲେ 'ତାଓ୍ୱା' । ହୋଟେଲ ବି ଭଲ ଚାଲିଲା । ଧୀରେ ଧୀରେ ବ୍ୟବସାୟ ବଢିବାକୁ ଲାଗିଲା । ୧୯୯୧ରେ ରାଜା ପ୍ୟାକେଜିଂ ବିଜନେସ୍‌ରେ ପାଦ ଦେଲେ । ଆଉ ଆରମ୍ଭ କଲେ 'ଅକ୍ଷୟ ଏଣ୍ଟରପ୍ରାଇଜେସ୍' । ପରେ ଏମ୍‌ସିଏସ୍ ଲଜିଷ୍ଟିକ୍ସରେ ଡାଇରେକ୍ଟର ଭାବେ ଯୋଗ ଦେଲେ । ଏବେ ସେ ଏମ୍‌ସିଏସ୍ ଲଜିଷ୍ଟିକ ଇଣ୍ଟରନ୍ୟାଶନାଲ ପ୍ରା.ଲି.ର ମ୍ୟାନେଜିଂ →



ରାଜା ନାୟକ





ଡାଇରେକ୍ଟର ଅଛନ୍ତି। ସେ ନିଜେ ଦଳିତ ହୋଇଥିବାରୁ ଦଳିତଙ୍କ ବିକାଶ ପାଇଁ ଅନେକ କାମ କରୁଛନ୍ତି। ସେମାନେ କିଭଳି ବ୍ୟବସାୟୀ ହୋଇପାରିବେ ସେଥିପାଇଁ ପ୍ରୋତ୍ସାହନ ଦିଅନ୍ତି। ସେ କର୍ନାଟକ, ଦଳିତ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ପ୍ରେସିଡେଣ୍ଟ ଅଛନ୍ତି। କେନ୍ଦ୍ର ସରକାରଙ୍କ 'ଷ୍ଟାଣ୍ଡ ଅପ୍ ଇଣ୍ଡିଆ' ସ୍କିମ୍ ସହ ବି ଜଡ଼ିତ, ଯାହାର ଉଦ୍ଦେଶ୍ୟ ମହିଳା ଓ ଦଳିତଙ୍କୁ ବ୍ୟବସାୟୀ କରିବା ଲାଗି ସହଯୋଗ କରିବା।

ରାଜାଙ୍କ ଇଚ୍ଛା ଦଳିତମାନେ ଚାକିରି ପଛରେ ନ ଗୋଡେଇ ବରଂ ଚାକିରିଦାତା ପାଲଟନ୍ତୁ। ସେ ଦେଖିଥିଲେ ଦଳିତମାନଙ୍କୁ ଗାଁରେ ଜଳ ନେବାକୁ ବାରଣ କରାଯାଏ। ତେଣୁ ଦଳିତମାନେ କିଭଳି ପାନୀୟ ଜଳ ପାଇପାରିବେ ସେ ଜଳ ବେଭେରେଜ୍ କମ୍ପାନୀ ବି ଖୋଲିଲେ। ପରେ ସେ ପର୍ପଲ ହେଜ୍ ୱେଲନେସ୍ ସ୍ପେସ୍, ନ୍ୟୁଟ୍ରି ପ୍ଲାନେଟ୍ ନାମରେ କମ୍ପାନୀ ବି ଖୋଲିଲେ। ସାମୂହିକଭାବେ ତାଙ୍କର ସବୁ ବ୍ୟବସାୟରୁ ଏବେ ବାର୍ଷିକ ୧୦୦ କୋଟିର ଆୟ ହେଉଛି।

## ଏମ୍‌ବିଏ ସୁପ୍‌ବାଲା

ସଞ୍ଜ ନଇଁଲେ ଚଳଚଞ୍ଚଳ ହୁଏ ଭୁବନେଶ୍ୱରର ଗଳିକନ୍ଦି। ଖାଇବା ଷ୍ଟଲ୍‌ଗୁଡିକରେ ବଢେ ଭିଡ। ତେବେ ଯଦି କେବେ ପଟିଆ ଖାଓ ଗଲି, ନୀଳାଦ୍ରି ବିହାର ବୁଦ୍ଧ ଜୟନ୍ତୀ ପାର୍କ ଓ କିଟ୍ କଲେଜ ଗଳିକୁ ଯାଆନ୍ତି ଆଖି ନିଶ୍ଚୟ ଗୋଟିଏ ଷ୍ଟଲ୍ ଆଡ଼କୁ ଯିବ। ଆଉ ତାହା ହେଉଛି 'ଏମ୍‌ବିଏ ସୁପ୍‌ବାଲା' ଷ୍ଟଲ୍। ଷ୍ଟଲ୍‌ର ନାଁ ଯେତିକି ନିଆରା ଏଠାରେ ମିଳୁଥିବା ସୁପ୍‌ର ନାଁ ତା'ଠୁ ଅଧିକ ମଜାଦାର। ଯେମିତିକି 'ଭିଲେନ ମିଲେଟ ଭେଜ ସୁପ', 'ବେୱଫା ମସରୁମ ସୁପ', 'ଧୋକେବାଜ ଚିକେନ ସୁପ', 'ଡିଜେ ଡିସ୍କୋ ଚିକେନ ସୁପ', 'ଫାୟାର୍ ମିକ୍ସ ମଟନ ସୁପ', 'ଦିଲବର୍ କ୍ରାବ ସୁପ' ଓ 'ଝିଙ୍ଗାଲାଲା ପ୍ରନ୍ ସୁପ' ଆଦି। ସୁପ୍ ପିଇବା ସହ ଏଇ ନାଁ ପଢିବା ପାଇଁ ଲୋକଙ୍କ ଭିତରେ ଥାଏ କୌତୂହଳ। ଲୋକେ ଏଭଳି ନାମକରଣ ପଛର କାରଣ ବି ପଚାରନ୍ତି। ଏଇ ତିନି ସ୍ଥାନରେ ଥିବା ଏହି ନିଆରା ସୁପ୍ ଷ୍ଟଲ୍‌ଟି ହେଉଛି **ତରୁଣ କୁମାର ମଲ୍ଲିକ**ଙ୍କର। ତରୁଣଙ୍କ ସୁପ୍ ଷ୍ଟଲ୍ ଯେମିତି ନିଆରା ତାଙ୍କ ଜୀବନ କାହାଣୀ ବି ସେମିତି ଭିନ୍ନ। ସେ ଜଣେ ଉଚ୍ଚ ଶିକ୍ଷିତ ଯୁବକ। ଜନ୍ମ ବାଲେଶ୍ୱର, କସବାଜୟପୁରରେ। ବାପା ରାମ ଚନ୍ଦ୍ର ମଲ୍ଲିକ କୃଷକ ଓ ମା' ଗୃହିଣୀ। ତରୁଣ କୁହନ୍ତି, 'ବାଲେଶ୍ୱରର ଏକ ସରକାରୀ ସ୍କୁଲରେ ପଢିବା ପରେ ଫକୀର ମୋହନ କଲେଜରେ ବି.କମ୍ କଲି। ପରେ ବାଲେଶ୍ୱର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ କଲେଜରେ ମାର୍କେଟିଂ ଆଣ୍ଡ ଫାଇନାନ୍ସରେ ଏମ୍‌ବିଏ ବି କଲି।

ପଢା ସରିବା ପରେ ଆକ୍ସିସ ବ୍ୟାଙ୍କରେ ଚାକିରି କଲି। କିଛିଦିନ ପରେ ସେ ଚାକିରି ଛାଡି ଭୁବନେଶ୍ୱରସ୍ଥ ଏକ ଆଇଟି କମ୍ପାନିରେ ଭଲ ଦରମାରେ ଚାକିରି କଲି। ସବୁକିଛି ଠିକ୍ ଚାଲିଥାଏ। ପରିବାର ଲୋକେ ବି ଖୁସି ଥାଆନ୍ତି। ହେଲେ ମୋ ମନ ଖୁସି ନ ଥାଏ। ଦରମା ଭଲ ହେଲେ କ'ଣ ହେବ, ଅନ୍ୟର ଅଧୀନରେ ରହି କାମ କରିବା ଓ ଛୁଟି ନେବାକୁ କୈଫିୟତ ଦେବା ମୋତେ ଅସହ୍ୟ ମନେହେଉଥିଲା। ସବୁକିଛି ଛାଡି ନିଜେ କେମିତି କିଛି କାମ କରି ରୋଜଗାର କରିବି ଭାବୁଥାଏ। ଏତିକିବେଳେ ଭୁବନେଶ୍ୱର, ନୟାପଲ୍ଲୀରେ ରହୁଥିବା କକା ପୁଅ ଭାଇ କରିଥିବା ସୁପ୍ ଦୋକାନ ବିଷୟରେ ଜାଣିଲି। ଦେଖିଲି ତା'ର ବେପାର ଭଲ ଚାଲିଛି। ଆଉ ନିଷ୍ପତ୍ତି ନେଲି ମୁଁ ବି ସୁପ୍ ଷ୍ଟଲ୍ କରିବି। ହେଲେ ମତେ ସୁପ୍ ତିଆରି କରିବା ଆସୁ ନ ଥିଲା। ତେଣୁ ସେହି ସମ୍ପର୍କୀୟ ଭାଇଙ୍କଠୁ ସୁପ୍ ତିଆରି ଶିଖିଲି। ପ୍ରଥମେ ଶୈଳଶ୍ରୀ ବିହାରରେ ରହୁଥିବା ରୁମ୍‌ରେ ସୁପ୍ ତିଆରି କରି ସାଙ୍ଗମାନଙ୍କୁ ଖୁଆଇଲି। ଯେତେ ପର୍ଯ୍ୟନ୍ତ ସୁପ୍ ଭଲ ନ ହେଇଛି ସେଯାଏ ସୁପ୍ କରି ଚାଲିଲି। ଯେବେ ମୁଁ ସୁପ୍ କରିବାରେ ଏକ୍ସପର୍ଟ ହୋଇଗଲି ଷ୍ଟଲ୍‌ଟିଏ ପକେଇବାକୁ ନିଷ୍ପତ୍ତି ନେଲି। ମନରେ ନ ଥାଏ ଛୋଟବଡ଼ କାମର ଭେଦଭାବ। ମନରେ ଥାଏ ଯେମିତି ବି ହେଉ ସ୍ୱତନ୍ତ୍ର ଭାବେ କାମ କରିବି, କାହାରି ଅଧୀନରେ ନୁହେଁ। ତେବେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ଚିନ୍ତା କଲି ଏମିତି କିଛି କରିବାକୁ ପଡ଼ିବ ଯେମିତିକି ଗ୍ରାହକମାନେ ଆପେ ମୋ ଷ୍ଟଲ୍ ଆଡ଼କୁ ଆକର୍ଷିତ ହେବେ। ଶେଷରେ ସୁପ୍‌ର କିଛି ନିଆରା ନାଁ ଦେବାକୁ ନିଷ୍ପତ୍ତି ନେଲି। ରାତି ରାତି ଅନିଦ୍ରା ରହି ସୁପ୍‌ଗୁଡ଼ିକ ପାଇଁ ମଜାଦାର ନାଁ ବାଛିଲି। ନାଁ ବଛା ସରିବା ପରେ ଚାକିରି ଛାଡିଲି ଓ ପାଲଟିଗଲି ସୁପ୍‌ବାଲା! ଘରେ ପ୍ରଥମେ ବିରକ୍ତ ହେଲେ। ହେଲେ ମୋର ଖୁସି ଏଥିରେ ଥିବା ଜାଣିବା ପରେ ଆଉ ପ୍ରତିବାଦ କଲେ ନାହିଁ।

୨୦୨୨ ମସିହାରେ ୯୦ ହଜାର ନିବେଶ କରି ପଟିଆ 'ଖାଓ ଗଲି'ରେ ପକାଇଲି 'ଏମ୍‌ବିଏ ସୁପ୍‌ବାଲା' ଷ୍ଟଲ୍। ସେତେବେଳେ ଦୁଇଜଣ ସାଙ୍ଗ ମତେ ବହୁତ ସାହାଯ୍ୟ କରିଥିଲେ। ବାଇକ୍‌ରେ ଜିନିଷପତ୍ର ବୋହି ନେଉଥିଲେ, ଷ୍ଟଲ୍ ଲଗାଇବାରେ ସାହାଯ୍ୟ କରୁଥିଲେ। ପ୍ରଥମ ଦିନରୁ ହିଁ ଷ୍ଟଲ୍ ଓ ସୁପ୍‌ଗୁଡିକର ଅଜବ ଓ ମଜାଦାର ନାଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା। ସୁପ୍‌ର ଦାମ୍ ବି ମାତ୍ର ୩୦ ଟଙ୍କା ରଖିଥିଲି। ଫଳରେ ଗହଳି ଜମିଲା। ଆଉ ମାତ୍ର ଦୁଇମାସ ଭିତରେ ନିବେଶ କରିଥିବା ଟଙ୍କାରୁ ଅଧିକ ରୋଜଗାର କରିବାରେ ସମର୍ଥ ହେଲି। ତା'ପରେ ବୁଦ୍ଧ ଜୟନ୍ତୀ ପାର୍କ ନିକଟରେ ଓ ପରେ କିଟ୍ କଲେଜ ଗଳିରେ ଠେଲା ପକାଇଲି। ତିନିଟି ଯାକ ଠେଲାକୁ ଏକା ତୁଲାଇବାକୁ ସକ୍ଷମ ନ ହେବାରୁ ପିଲା ରଖିଲି। ଏବେ ମୋ ପାଖରେ ପାଞ୍ଚଜଣ କାମ କରୁଛନ୍ତି। ଯେଉଁ ସ୍ୱପ୍ନ ନେଇ ମୁଁ ନିଜର ବ୍ୟବସାୟ ଆରମ୍ଭ କରିଥିଲି ତାହା ପୂରଣ ହୋଇଛି। ଅନ୍ୟକୁ ରୋଜଗାର ଦେବାରେ ବି ମୁଁ ସକ୍ଷମ ହୋଇଛି। ତେଣୁ ଆତ୍ମସନ୍ତୋଷ ମିଳୁଛି। ଏବେ ବିବାହ, ଜନ୍ମଦିନ ଆଦି ପାଇଁ ଅର୍ଡର ଆସୁଛି। ତା'ସହ ସ୍ୱିଗି ମାଧ୍ୟମରେ ବି ଅର୍ଡର ଆସୁଛି। ଏମିତିରେ ମାସିକ ସବୁ ଖର୍ଚ୍ଚ ବାଦ୍ ଲକ୍ଷେ ଟଙ୍କାରୁ ଅଧିକ ରୋଜଗାର ହେଉଛି। ଶୀତଦିନେ ଯାଠୁ ବି ଅଧିକ ରୋଜଗାର ହୁଏ। ଆଗକୁ ଯୋଜନା ଅଛି କାଫେ କରିବି। ଯେଉଁଠି ସୁପ୍ ତ ପ୍ରଥମ ପ୍ରାୟୋରିଟି ରହିବ, ତା'ସହ କଫି, ଚା ଓ ଅନ୍ୟ ସ୍ନାକ୍ସ ବି ରଖିବି।'

କର୍ମ ହିଁ ଭଗବାନ୍। ଏଥିରେ ନ ଥାଏ ଛୋଟ କି ବଡ଼ର ଭେଦଭାବ। ଏହାକୁ ପ୍ରମାଣ କରିଦେଖାଇଛନ୍ତି ଏଇ ମଣିଷମାନେ। ରାସ୍ତାକଡ଼ରେ ଛୋଟିଆ ବ୍ୟବସାୟ ଆରମ୍ଭ କରିଛନ୍ତି ସତ, ହେଲେ ତାକୁ ନିଜର ବୁଦ୍ଧି ଓ କଠିନ ପରିଶ୍ରମ ଦ୍ୱାରା ବଢ଼ାଇଛନ୍ତି। ଆଉ ପାଲଟିଛନ୍ତି କୋଟିପତି ବ୍ୟବସାୟୀ।

–ଶିବାନୀ ମହାନ୍ତି






ତରୁଣ କୁମାର ମଲ୍ଲିକ




# ଜପୁଛି ଶିଶୁଙ୍କ ମନଲାଖି ସାହିତ୍ୟ



**ଗ**ବେଷଣାତ୍ମକ ନିବନ୍ଧ ହେଉ କି ଆତ୍ମକଥା, ଶିଶୁକବିତା, ଗୀତିନାଟ୍ୟ, ଶିଶୁଗଳ୍ପ ଓ ଉପନ୍ୟାସ, ପିଲାଙ୍କ କୁଇଜ, ଅନୁବାଦ, ଲୋକକଥା, ବରପୁତ୍ରଙ୍କ ଜୀବନୀ, ଅନ୍ୟାନ୍ୟ ପତ୍ରପତ୍ରିକା ସଂପାଦନା ଆଦି ସବୁଥିରେ ସେ ସ୍ୱୟଂସିଦ୍ଧ। ଏମିତିରେ ପ୍ରାୟ ୪ଦଶନ୍ଧି ଧରି ତାଙ୍କର କଲମ ଚାଳନାରେ ସେ ସୃଷ୍ଟି କରିଛନ୍ତି ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପୁସ୍ତକ। ଓଡ଼ିଆ ଶିଶୁ ସାହିତ୍ୟରେ ଗବେଷଣାକରି ଡକ୍ଟରେଟ ଲାଭ କରିଛନ୍ତି। ତାଙ୍କ ସୃଜନଶୀଳତାର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ସେ ହେଲେ ଡକ୍ଟର **ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**। ଜନ୍ମ ୩।୧୦।୧୯୬୪ରେ। ମାତା ପ୍ରେମଲତା ଖୁଣ୍ଟିଆ, ପିତା ନୃସିଂହ ଚରଣ ଖୁଣ୍ଟିଆ। ଘର ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ମଣପଡ଼ା ଅନ୍ତର୍ଗତ ଛୋଟପୁର ଗାଁରେ। ସେ କୁହନ୍ତି, 'ମୋ ବାପା ଥିଲେ ଜଣେ ଆଦର୍ଶ ଶିକ୍ଷକ। ସେତେବେଳେ ସେ ଶିଶୁଲେଖା ପତ୍ରିକା ଘରକୁ ମଗାଉଥିଲେ ; ଯାହାକୁ ଲୁଚାଇ ଲୁଚାଇ ପଢୁଥିଲି। ସେତେବେଳେ ମନକୁ ମନ ଭାବୁଥିଲି ମୁଁ ଏମିତି ଜଣେ ଲେଖକ ହୋଇପାରନ୍ତି କି ଯେମିତି କି ମୋର ଲେଖା ଏହି ପତ୍ରିକାରେ ପ୍ରକାଶିତ ହୁଅନ୍ତା। ୧୯୮୦ରେ ମାଟ୍ରିକ ପାସ୍ କଲି। ପରେ ୧୯୮୪ରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସଂସ୍କୃତ ଅନର୍ସ ନେଇ ଉତ୍ତୀର୍ଣ୍ଣ ହେବା ପରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଏମ.ଏ. କଲି। ଏହାପରେ ୧୯୮୬ରେ ଶ୍ରୀ ବାଲିକପିଳେଶ୍ୱର ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗଦେଲି। ଏଇଠି ବାନର ସେନାର ସଂପାଦକ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସହ ମୋର ଦେଖା। ସେ ମୋତେ ଶିଶୁ ସାହିତ୍ୟ ଲେଖାରେ ପୂର୍ଣ୍ଣ ସହଯୋଗ କଲେ। ସେ ହିଁ ମୋତେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଶିଶୁସାହିତ୍ୟ ଗବେଷଣା ପରିଷଦ କର୍ମଶାଳାରେ ବହୁ ଖ୍ୟାତନାମା ସାହିତ୍ୟିକମାନଙ୍କ ସହିତ ପରିଚୟ କରାଇଲେ। ୧୯୮୮ରେ ଟୁଉକୁମୂଷୀ ପତ୍ରିକାର ସଂପାଦକ ତଥା ଶିଶୁସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କ ସହିତ ଭେଟ ହୁଏ। ସେ ଶିଶୁସାହିତ୍ୟ କ୍ଷେତ୍ରରେ ଲେଖାଲେଖି ପାଇଁ ବହୁତ ପ୍ରେରଣା ଦେଇଥିଲେ। ମୋର ପ୍ରଥମ ଶିଶୁ ଉପନ୍ୟାସ 'ସପନପୁରୀରେ ପିଙ୍କୁ' ; ଯାହାକୁ ପଲ୍ଲିପ୍ରଭା ପ୍ରକାଶନୀ ପ୍ରକାଶ କରିଥିଲେ। ସେବେଠାରୁ ମୁଁ ଆଉ ପଛକୁ ଫେରିନି। ଏ ଭିତରେ ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟ ବ୍ୟାପ୍ତ ଓ ବୈଚିତ୍ର, ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ, ପୁଣି ଆମ ପିଲାଙ୍କ ଗୀତ, ମାଆ ମୋ ଗାଁ, ସେହିପରି ଶିଶୁଗଳ୍ପ, କାଉଖାଇଲା ମହୁ, କୁହୁକପରୀ, ବଡ଼ଦେଉଳର ଅଜଣା କଥା, କାହାଣୀମୁଣି, କଥାଟିଏ ମହତବେଶି, ପିଲାଙ୍କ ବେତାଳ କାହାଣୀ, ପଞ୍ଚତନ୍ତ୍ର କାହାଣୀ, ନୀଳନଦୀର ସୁନେଲିପଥର, ପିଲାଙ୍କ ପାଇଁ ନଗରବିଜ୍ଞାନ କୁଇଜ, ଅଭିନବ ସଂସ୍କୃତ ବିଜ୍ଞାନ, ଉତ୍କଳନେତ୍ରୀ ନନ୍ଦିନୀ ଶତପଥୀ, ଭାରତରତ୍ନ ଡ. ଅବଦୁଲ କଲାମ, ଟୋପାଏ ଚନ୍ଦନ, ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ ଆଦି ଗୋଟିଏ ପରେ ଗୋଟିଏ ପ୍ରାୟ ୨୫୦ଟି ପୁସ୍ତକ ଲେଖିସାରିଲାଣି। ୨୦୨୪ ମସିହାରୁ ଶିକ୍ଷକତା ଚାକିରିରୁ ଅବସର ନେଇସାରିଛି। ଘରେ ଆମେ ଦୁଇଭାଇ, ମୋର ଚାରି ଭଉଣୀ। ମୁଁ ବଡ଼। ପତ୍ନୀ ଶକୁନ୍ତଳା, ମୋର ଏକମାତ୍ର ପୁଅ ଲଳିତ କୁମାର, ବୋହୂ ଅମିତା ,ଦୁଇ ନାତୁଣୀ ଆରାଧନା ଓ ଆରାଧ୍ୟାଙ୍କୁ ନେଇ ଛୋଟ ସଂସାର। ସେମାନେ ମୋତେ ଲେଖାଲେଖି ପାଇଁ ଉତ୍ସାହିତ କରିଥାନ୍ତି। ମୋ ବାପା ଥିଲେ ଶିକ୍ଷକ। ସେ ଗର୍ବରେ କହୁଥିଲେ ଆରେ ଯେଉଁଆଡ଼େ ଟେକାଟିଏ ପକାଇବି ସେଠାରେ ମୋର ଛାତ୍ରଟିଏ ଥିବ। ସେମାନେ ବାପାଙ୍କୁ ଯେତେବେଳେ ସାର୍ କହି ପ୍ରଣାମ କରୁଥିଲେ, ମୋତେ ଭାରୀ ଖୁସି ଲାଗେ। ଥରେ ପିଲାଦିନେ ଗାଁ ଦାଣ୍ଡରୁ ଘରକୁ ଦୌଡ଼ିଆସି ବୋଉ ପାଖରେ ଅଳି କଲି ବୋଉ ମୁଁ ଶିକ୍ଷକ ହେବି। ବୋଉ ଟିକେ ଚିଡ଼ିଯାଇ କହିଲା ନା ତୁ ବାପାଙ୍କ ପରି ହଅନା। ତା'ପରେ ସେ କ'ଣ ଭାବିଲା କେଜାଣି କହିଲା ହଉହଉ ତୁ ଭଲମଣିଷ ହୁଅ, ଆମ ବଂଶର ନାଁ ରଖ। ସେଇ କେଇପଦ କଥା ମନକୁ ସବୁବେଳେ ଅଥୟ କରୁଥିଲା। ଭଲମଣିଷ ହେବି, ଭଲ ଶିକ୍ଷକ ହେବି। ମୋର ଶିକ୍ଷକତା କରିବା ପଛର ଏହା ଏକ ଅନ୍ୟତମ କାରଣ ବି ହୋଇପାରେ।


ଶିକ୍ଷକତା ଓ ଶିଶୁ ସାହିତ୍ୟିକ ବାଦ୍ ମୋର ଆଉ ଏକ ପରିଚୟ ହେଲା, ମୁଁ ଜଣେ ଗୀତିକବି ମଧ୍ୟ। ମୋର ଗୁରୁ ଡକ୍ଟର କୈଳାସଚନ୍ଦ୍ର ଟୀକାୟତରାୟଙ୍କଠାରୁ ଯେଉଁଦିନ ପୁରସ୍କାର ଗ୍ରହଣ କରିଲି ସେଦିନର ସ୍ମୃତି ଅଭୁଲା ରହିବ। ଏବେ ବି ଗୋଟେ କଥା ମନେପଡ଼େ। ୧୯୯୯ ମହାବାତ୍ୟା ସମୟରେ ବମିଖାଲରେ ଘରଭଡ଼ା ନେଇ ରହୁଥାଏ। ବାତ୍ୟାରେ ଘର ଭାଙ୍ଗିଗଲା। ତଥାପି ଏହି ଘର ଛାଡ଼ି କୁଆଡ଼େ ଯିବାକୁ ଚାହୁଁ ନଥାଏ। କାରଣ ଏହି ଘରେ ମୋର ରହିଥାଏ ଅନେକ ପୁସ୍ତକ ଓ ପାଣ୍ଡୁଲିପି ; ଯାହାର ମୋହ ମୁଁ କାଟି ପାରୁନଥିଲି।' ତାଙ୍କର ଏହି ସୃଜନଶିଳତା ପାଇଁ ତାଙ୍କୁ ରାଜଧାନୀ ପୁସ୍ତକମେଳା ସମ୍ମାନ ସମେତ ବାନରସେନା, କୁଆଁତାରା, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଶିଶୁଭାରତୀ, ଭାରତୀୟ ବାଲବିକାଶ ସଂସ୍ଥାନ କାନପୁର, ଝୁମୁକା, ଗଙ୍ଗାଧର ଓ ଶିଶୁସାହିତ୍ୟ ସମ୍ମାନ, ଫକୀର ମୋହନ ଶିଶୁସାହିତ୍ୟ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ ଆଦି ଶତାଧିକ ସଂସ୍ଥାରୁ ପୁରସ୍କୃତ ଓ ସମ୍ମାନିତ କରାଯାଇଛି। ସେ କୁହନ୍ତି, ' ମୋର ସାଧନା ଏବେ ବି ଚାଲିଛି। ଶିଶୁଲେଖାଟିଏ ପାଇଁ ଶିଶୁମାନଙ୍କ ଚିନ୍ତନକୁ ପ୍ରଥମେ ଅନୁଭବ କରି ସେମାନଙ୍କ ମନହୃଦୟର ଭାବକୁ ଶବ୍ଦରେ ଫୁଟାଇବାକୁ ଚେଷ୍ଟାକରେ। ସେଥିପାଇଁ ଶିଶୁଗୀତି ହେଉ କି ଶିଶୁଗପ ଆପେଆପେ ଲେଖି ହୋଇଯାଏ। ଆଜିକାଲି ପୂର୍ବ ଭଳି ପିଲାଙ୍କ ମନଲାଖି ଶିଶୁପତ୍ରିକା ପ୍ରକାଶିତ ହେଉନାହିଁ। ମାତ୍ର ଶିଶୁ ସାହିତ୍ୟର ସ୍ୱତନ୍ତ୍ରତା ରହିଛି। **-ବନବିହାରୀ ବେହେରା**
















## ଛାଏଁ ଛାଏଁ ଗଢିହୁଏ ଦେବୀଟିଏ

–ବିଜୟଲକ୍ଷ୍ମୀ ପାଣିଗ୍ରାହି

ମାଆର ଜାଇ ରଗଡା
ଦେଖି ସନ୍ତାନ ଜାଣିଦିଏ
ଜୀବନ ଜଞ୍ଜାଳରେ ରଗଡି ହୋଇ
କେମିତି ଛଡ଼ାଇବାକୁ ପଡେ
ପିଠିରୁ ପରସ୍ତ ପରସ୍ତ ଚୋପା ।
ବେସର ବଟାରେ
କେମିତି ପାଣିଚିଆ ହୁଅନ୍ତି
ଲଙ୍କାର କ୍ରୋଧସବୁ ।
ତା' ହାତର ଶାଗ ଖରଡ଼ା ଖାଇ
ଅନୁଭବି ହୁଏ ରୂପାନ୍ତର ।
ଘାସ ପତ୍ରର ଟାଆଁସପଣ
କେମିତି ନରମି ଯାଆନ୍ତି
ଆଉ ସାଧନ୍ତି ହିତକାରୀ ।
ପନିକିରେ ଗଣ୍ଡିଠାରୁ ମୁଣ୍ଡକୁ ଅଲଗା
କରିପାରୁଥିବା ମାଆକୁ ଦେଖି
ପରଖି ହୁଏ ତା' ପରାକ୍ରମ ।
ବାରହାତର ଶାଢ଼ିକୁ ଅଣ୍ଟାରେ ଭିଡିଦେଲେ
ସେ ଲାଗେ ମନ୍ଦର ପର୍ବତ
ଯେଉଁଠି ମନ୍ଥନ ହୁଏ
ପରିବାର /ସମାଜ/ ରାଷ୍ଟ୍ର ।
ବିଷ ବାହାରେ
ଅମୃତ ବି
ନିଜେ ନୀଳକଣ୍ଠ ହୁଏ ସେ
ପୀୟୂଷ ବାଣ୍ଟେ
ଆପେ ଆପେ ଏକ ନିଡରପଣ
ଘନୀଭୂତ ହୁଏ
ଗହଗହ ହୁଏ ଭରସା
ମାଆର ଅଚଳ ଦମ୍ଭିଲା ପଣରେ ।
ସେଥିପାଇଁ ତ
ଚିରାଚରିତ ଭାବେ
ମୋ ଭଳି ମୋ ଝିଅ
ଆଜି ବାର ହାତିଆ ଶାଢିରେ
ଦେବୀ ଦେବୀ ଦିଶେ ।


*–ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ: ୮୨୪୯୪୫୦୦୫୦*

## କଖାରୁ ଫୁଲ

–ସ୍ନିଗ୍ଧା ସାହୁ

କଖାରୁ ଫୁଲ ପିଠଉ ଭଜା ମୋର ଅତି ପ୍ରିୟ । ବାରି ପଟ ଚାଳ ତଳେ ମନ୍ଦା କରି ବୋଉ କଖାରୁ ମଞ୍ଜି ପୋତେ । ମଞ୍ଜିରୁ ଗଜା ବାହାରିଲେ ବୋଉ ମହାଦେବଙ୍କ ପାଦୁକ ପାଣି ଛିଞ୍ଚି ଦିଏ । ମୁଁ ପଚାରିଲେ କୁହେ, ‘‘ଦୃଷ୍ଟି ପଡ଼ିବନି ।’’
ଗଛ ବଡ ହୁଏ । କେନାରୁ ଦି କେନା ହେଇ ଡଙ୍କ ବାହାରେ । ବୋଉ ବାଉଁଶ କଣି କେଇଟା ତା' ଚାରିପଟେ ପୋତି ଦେଇ ଚାଳକୁ ମଡେଇ ଦିଏ । ଡଗ ଡଗ ହେଇ ଆଠ ଦଶ ଦିନରେ ମାଡ଼ି ଯାଆନ୍ତି ସେମାନେ ଫୁଲ ପତ୍ର ସହିତ ।
ବାପା କୁହନ୍ତି, ‘‘ ପିଲେ.. ବୋଉଠୁ ଶିଖ । ହାତ ପତେଇ ଉପରକୁ ଉଠିବାକୁ ଚାହୁଁଥିବା ଲୋକ ମାନଙ୍କ ପାଇଁ ଏମିତି ରଞ୍ଜାଟିଏ ହୁଅ । ଦେଖିବ ତୁମ ଆଖ ପାଖର ଦୁନିଆ କେତେ ସୁନ୍ଦର ଦିଶିବ ।’’
କିଛିଦିନ ପରେ ଚାଳରେ ଆଉ ନଡ଼ା ଦିଶେନି । ଠାଏ ଠାଏ ହଳଦି ରଙ୍ଗର ଫୁଲ ଥିବା ସବୁଜ ପତରିଆ ଶାଢ଼ିଟିଏ ଘୋଡେଇ ହେଲା ପରି ଆମ ଛପର ଘର ମୋତେ ବହୁତ ସୁନ୍ଦର ଦେଖାଯାଏ ।
ବାଉଁଶ ସିଡି ପକେଇ ବୋଉ ଚାଳରୁ କଖାରୁ ଫୁଲ ତୋଳି ଆଣେ । ଆଉ କଷି ଧରିଥିବା ଫୁଲ ଉପରେ ପତର ଘୋଡ଼େଇ ଦିଏ । ମୁଁ ଦୌଡ଼ି ଯାଇଁ ପାଦୁକ ଗଡୁ ନେଇ ଆସେ । ବୋଉ କହେ, ‘‘ଆଉ ଲୋଡ଼ା ନାହିଁ । ଏ ପରା ଅଲକ୍ଷ୍ୟରେ ରହିଲା ।’’ ମୁଁ ଅବୁଝା ଆଖିରେ ଚାହେଁ । ବାପା ବୁଝାଇ ଦିଅନ୍ତି । ‘‘କାହାକୁ ନ ଜଣେଇ ନିରବରେ କାମ କରିଯାଅ । ସଫଳତା ମିଳିଲେ ଆପେ ଦୁନିଆକୁ ବାସିବ ।’’
ସେଦିନ ବୋଉ ମୋ ପାଇଁ କଖାରୁ ମଞ୍ଜି ପୋତୁଥିଲା, ଆଜି ମୁଁ ମୋ ପୁଅ ପାଇଁ ପୋତୁଛି । କିନ୍ତୁ ଆଉ ସେ ଚାଳ ନାହିଁ କି ରଞ୍ଜା ନାହିଁ ।

*–ସିଡିଏ, କଟକ, ମୋ:୮୨୪୯୩୭୫୧୮୮*



## ପକ୍ଷୀ ଜନ୍ମ

–ରଶ୍ମିରେଖା ଦାସ

ହେ ଈଶ୍ୱର !
ସାରା ଜୀବନ ପଞ୍ଜୁରୀରେ ଭାଗ୍ୟ ଲେଖି
କାହିଁକି ଖଞ୍ଜି ଦେଇଛ ଆଖିରେ ଆକାଶକୁ ଛୁଇଁବାର ସ୍ୱପ୍ନ
ମାଟି ମନା ମନଟିକୁ ମୋର
ନିବୁଜ କରି ରଖିଛ ସୁନାର ମହଲରେ
ମୁଠେ ଖୁଦରେ ଜୀବନ ସାଇତି ରଖି ଥାଆନ୍ତି ମୁଁ
କାହିଁକି ସଜେଇଛ ମୋ ଆଗେ ନାନା ପକ୍ୱ ଫଳ
ତୁମେ ତ ଜାଣିଛ ହେ ଈଶ୍ୱର !
ସ୍ୱାଧୀନତା ବିନା ସୁନା ବି ମାଟି ଭଳି ଦିଶେ
ଟିପେ ହସରେ ତରଳି ପଡୁଥିବା ଏ ଜୀବନଟିକୁ
କାହିଁକି ଯାଚି ଦେଇଛ
ତୁଚ୍ଛା ଅହମିକାର ରାଜକୀୟତା !!
ଛଳନାର ଛକିଶୁନ ଖେଳରେ
ଆଜି ମୁଁ ନିଶ୍ୱ ପରାଜିତ
ମୋ ବ୍ୟାକୁଳତା ଭେଦି ପାରି ନାହିଁ
ଲୁହା ଶିକୁଳିର ଶିରା
ମୋ କ୍ଲାନ୍ତ ଧମନୀରେ ଏବେ ବି ଆକାଶକୁ
ନିଜର କରିବାର ଇଚ୍ଛା
ସୁନାର ମୋହକୁ ଏଡ଼ାଇ ଦେଇ ମାଟି ଅଗଣାରେ
ନାଚି ଯିବାର ଇଚ୍ଛା
ବଣ ପାହାଡ଼ରେ ଡ଼େଣା ଝାଡି ଉଡ଼ି ବୁଲିବାକୁ ଇଚ୍ଛା !
ହେ ଈଶ୍ୱର !
ଯଦି ମୋର ହୁଏ ପୁନର୍ଜନ୍ମ
ପୁଣି ଥରେ ପକ୍ଷୀ ଜନ୍ମ ଦେବ ନାହିଁ ମୋତେ
ଯଦି ବା ପୁଣି ଥରେ ପକ୍ଷୀ କରି ଦିଅ
ଆକାଶକୁ ଚାହିଁବାକୁ ଆଖି ଦେବ ନାହିଁ
ମେଘ ଡେଇଁ ଉଡ଼ିବାକୁ ଡେଣା ଦେବ ନାହିଁ
ଦେବ ନାହିଁ ପ୍ରତିବାଦ କରିବାର ସ୍ୱର
ଅଭିମାନ କରିବାକୁ ଛାତିରେ କୋହ ଦେବ ନାହିଁ
ଯଦି ବା ପୁଣି ଥରେ ମୋତେ ପକ୍ଷୀ କରିଦିଅ
ଈଶ୍ୱରଙ୍କୁ ମୋତେ ଜମା ଚିହ୍ନେଇବ ନାହିଁ ॥

*–ମଧୁସୁଦନ ନଗର, କଟକ, ମୋ: ୭୦୬୪୭୨୮୧୪୫*



# ଇନ୍ସପେକ୍ଟର ସନା

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଚଳିତ ମାସ ୨୨ ତାରିଖ ଅର୍ଥାତ୍ ରବିବାର ଦିନ ପ୍ରସାରିତ ହେବାକୁ ଯାଉଛି ଓଡ଼ିଆ ସିନେମା 'ଇନ୍ସପେକ୍ଟର ସନା'। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ଏହାର କାହାଣୀରେ କମେଡି, ଆକ୍ସନ ଏବଂ ରୋମାନ୍ସ ଭରି ରହିଛି। ସନା ନାମକ ଜଣେ ପୋଲିସ ଅଫିସର କିପରି ସମସ୍ୟାକୁ ସାହସର ସହ ମୁକାବିଲା କରୁଛି ତାହା ଏଥିରେ ଦେଖିବାକୁ ମିଳିବ। ତା'ସହ ସନାର ପ୍ରେମ କାହାଣୀର ଶେଷ ପରିଣତି କ'ଣ ହେଉଛି ତାହା ମଧ୍ୟ ଜଣାପଡିବ। ଉକ୍ତ ଚଳଚ୍ଚିତ୍ରର ଟାଇଟଲ୍ ଭୂମିକାରେ ଅଭିନୟ କରିଛନ୍ତି ସୋସିଆଲ ମିଡିଆର ଷ୍ଟାର କମେଡିଆନ ଅନୁଗୁଳିଆ ବଣ୍ଟି। ଅଶୋକ ଦାସ, ଅଭିଜିତ ମିଶ୍ର, ଅର୍ଚ୍ଚିତା ମହାନ୍ତିଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଆମର ଷ୍ଟୁଡିଓ ଦ୍ୱାରା ପ୍ରଯୋଜିତ ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରାଜା ଡି'। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅସଦ ନିଜାମ। ''ହାସ୍ୟରସ, ପ୍ରେମ ଏବଂ ସସ୍‌ପେନ୍ସରେ ଭରପୂର ଇନ୍ସପେକ୍ଟର ସନା ସବୁ ବର୍ଗର ଦର୍ଶକଙ୍କୁ ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ। ତେଣୁ ଏହି ରବିବାର ସନ୍ଧ୍ୟା ୬.୩୦ରେ କେବଳ ଜୀ ସାର୍ଥକରେ ଏହାର ପ୍ରିମିୟର ଦେଖିବାକୁ ଭୁଲନ୍ତୁ ନାହିଁ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ ।''



'ଇନ୍ସପେକ୍ଟର ସନା' ଫିଲ୍ମରେ ଅନୁଗୁଳିଆ ବଣ୍ଟି

# ଯାହା ଭାବୁଥିଲେ ନିବେଦନ

କଥାରେ ଅଛି-ଏ ମନ ଭାବୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ସେ ଯାହା ଭାବୁଥିଲେ ତାହା ଏବେ ସତରେ ପରିଣତ ହୋଇଛି। ହଁ, ସେ ହେଲେ ନିବେଦନ ସେଠୀ। କଟକ ଆସି କେତୋଟି ଥିଏଟର ନାଟକରେ ଅଭିନୟ କରିବା ପରେ ତାଙ୍କୁ ଆଉ କିଛି କାମ ମିଳିଲା ନାହିଁ। ଆଉ ତା'ପରେ ସେ କ'ଣ କଲେ ସେ ବିଷୟରେ ନିବେଦନ କହନ୍ତି, ''ପ୍ରଥମେ ମୁଁ ଗାଁ ଡ୍ରାମା ଏବଂ ସ୍କୁଲରେ ଅଭିନୟ କରୁଥିଲି। କେତୋଟି ଥିଏଟର ନାଟକରେ ଅଭିନୟ କରିବା ପରେ ଅଧିକ ସୁଯୋଗ ନ ମିଳିବାରୁ 'ଜୟ ସନ୍ତୋଷୀ ମା' ଧାରାବାହିକ ଏବଂ 'ମୁଁ ଗାନ୍ଧୀ ନୁହେଁ' ଫିଲ୍ମରେ ସହ-ନିର୍ଦ୍ଦେଶନା ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇଲି। ଏହା ଭିତରେ ଶତାଧିକ କ୍ଷୁଦ୍ର ଚଳଚ୍ଚିତ୍ର, ମଞ୍ଚ ନାଟକର ନିର୍ଦ୍ଦେଶନା ଦେଇ ପୁରସ୍କୃତ ଏବଂ ପ୍ରଶଂସିତ ହୋଇଛି। ନିକଟରେ ହିଟ୍ ହୋଇଥିବା ସମ୍ବଲପୁରୀ ଆଲବମ୍ 'ଟିକିଲି ମାଖି' ବ୍ୟତୀତ ଅନେକ ମ୍ୟୁଜିକ ଆଲବମ୍‌ର ମଧ୍ୟ ନିର୍ଦ୍ଦେଶନା ଦେଇଛି। ମୋ ନିର୍ଦ୍ଦେଶନାରେ ଏକ ଅନଟାଇଟଲଡ୍ ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି।'' ଜଗତ୍‌ସିଂହପୁର ଜିଲା ରାହାମାରେ ଜନ୍ମିତ ନିବେଦନ ଏବେ ଏମ୍‌ବିଏ ପଢୁଛନ୍ତି।



ନିବେଦନ

# କାରଣ କହିଲେ ଦୀପିକା

ଦୀପିକା ପାଦୁକୋନ୍ ଯେତେବେଳେ ପାଠ ପଢୁଥିଲେ ତାଙ୍କର ବେଶି ସାଙ୍ଗସାଥୀ ନ ଥିଲେ। ହେଲେ ଏହାର କାରଣ କ'ଣ ? ସେ କ'ଣ କାହା ସହ ମିଶୁ ନ ଥିଲେ କି ମନଖୋଲି କଥାବାର୍ତ୍ତା କରୁ ନ ଥିଲେ ? ନା, ଏହାପଛରେ ଅନ୍ୟ କିଛି କାରଣ ଥିଲା,ଯେଉଁଥିପାଇଁ ସ୍କୁଲ କ୍ୟାରିୟରରେ ତାଙ୍କର ଫ୍ରେଣ୍ଡ ସର୍କଲ କମ୍ ଥିଲା। ସେ କାରଣଟି ହେଲା, ସେତେବେଳେ ସେ ବ୍ୟାଡମିଣ୍ଟନ ଉପରେ ଅଧିକ ଫୋକସ୍ ଦେଉଥିଲେ। ଗୋଟେ ପଟେ ପାଠପଢ଼ା ଅନ୍ୟପଟେ ଖେଳ। ଏହି ଦୁଇଟିକୁ ସେ ବେଶ୍ ସମାନ୍ତରାଳ ଭାବରେ ରଖି ଆଗଉଥିଲେ। ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳି ପ୍ରକାଶ ପାଦୁକୋନ୍‌ଙ୍କର ଏହି କନ୍ୟା ଜାତୀୟସ୍ତରରେ ବ୍ୟାଡମିଣ୍ଟନ ଖେଳିବାର ସୌଭାଗ୍ୟ ବି ଅର୍ଜନ କରିଥିଲେ। ଦୀପିକା କୁହନ୍ତି, ''ସ୍କୁଲରେ ପଢ଼ିବା ସମୟରେ ମୁଁ ପାଠପଢ଼ା ଏବଂ ବ୍ୟାଡମିଣ୍ଟନ୍‌କୁ ଅଧିକ ଗୁରୁତ୍ୱ ଦେଉଥିଲି। ତେଣୁ ପିଲାଙ୍କ ସହ ସାଙ୍ଗ ହେବାକୁ ସମୟ ନ ଥିଲା। ଆଉ ଏହା ହିଁ ହେଉଛି ମୋର ବେଶି ସାଙ୍ଗ ନ ଥିବାର ଏକମାତ୍ର କାରଣ । ତା'ଛଡ଼ା ଆଉ କିଛି କାରଣ ନ ଥିଲା।'' ଚଳିତ ବର୍ଷ ଡିସେମ୍ବର୨୪ରେ ରିଲିଜ ହେବାକୁ ଯାଉଥିବା ଶାହରୁଖ ଖାନ୍‌ଙ୍କ 'କିଙ୍ଗ'ରେ ସେ ଅଭିନୟ କରିଛନ୍ତି।



ଦୀପିକା

# ପ୍ରେମ ପାଇଁ ଟେନ୍‌ସନ୍

ଚିଙ୍କି ତନୟା ଅନନ୍ୟା ପାଣ୍ଡେଙ୍କର ଟେନ୍‌ସନ୍ ବଢ଼ିଯାଇଛି। କାରଣ ପ୍ରେମକୁ ନେଇ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସୋସିଆଲ ମିଡିଆରେ ତାଙ୍କର ଏକ ବାର୍ଥଡେ ପୋଷ୍ଟ ଏହି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ଏ ବିଷୟରେ ବେଶ୍ କିଛି ମାସ ଚୁପ ରହିବା ପରେ ଏବେ ଅନନ୍ୟା ବାଧ୍ୟ ହୋଇ ମୁହଁ ଖୋଲିଛନ୍ତି। ଏ ବିଷୟରେ ସଫେଇ ଦେଇ ସେ କହନ୍ତି, ''ଆପଣମାନେ ଯାହା ଶୁଣୁଛନ୍ତି ତାହା ପଛରେ ଟିକିଏ ହେଲେ ସତ୍ୟତା ନାହିଁ। କାରଣ ମୋତେ ଯିଏ ବାର୍ଥଡେ ଉଇସ କରିଛନ୍ତି ସେ ମୋର ବନ୍ଧୁ। ଆମ ଭିତରେ ଫ୍ରେଣ୍ଡସିପ୍ ବ୍ୟତୀତ ଆଉ କିଛି ସମ୍ପର୍କ ନାହିଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର କରୁଛି। ସେଭଳି କଥାକୁ ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି। ଏବେ ମୋର କେବଳ ଗୋଟିଏ ଲକ୍ଷ୍ୟ-କେମିତି ମୋ ଆକ୍ଟିଂ କ୍ୟାରିୟରକୁ ଆଗକୁ ନେବି। ବର୍ତ୍ତମାନ ମୋତ ହାତରେ କେତୋଟି ଅଫର ରହିଛି। ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା କିଛି ନିଷ୍ପତ୍ତି ନେବି।'' ଅନନ୍ୟା ୨୦୧୯ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'। ଏବେ ନିର୍ମାଣାଧୀନ 'ଚାନ୍ଦ ମେରା ଦିଲ'ର ସେ ନାୟିକା ସାଜିଛନ୍ତି।



ଅନନ୍ୟା

# ଆମୀରଙ୍କ ପ୍ରଶଂସାରେ ସାଇ

ସାଇ ପଲ୍ଲବୀ ଏବେ ଆମୀର ଖାନ୍‌ଙ୍କ ପ୍ରଶଂସାରେ ଶତମୁଖ। କେମିତି ବା ପ୍ରଶଂସା କରିବେନି କହୁନାହାନ୍ତି ? କେବଳ ତାଙ୍କରି ପାଇଁ ହିଁ ସେ ଆଜି ଏହି ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଯାହାର ପ୍ରଥମ ପୋଷ୍ଟର ରିଲିଜ ହେବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଫିଲ୍ମଟିର ଟାଇଟଲ ହେଉଛି 'ଏକ ଦିନ୍'। ଏଥିରେ ସାଇ ପଲ୍ଲବୀଙ୍କ ନାୟକ ଭୂମିକାରେ ଅଭିନୟ କରିଛନ୍ତି ଜୁନେଦ ଖାନ୍। ଖାସ୍ କଥା ହେଲା ଆମୀର ଖାନ୍ ପ୍ରଡକ୍ସନ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଏ ବିଷୟରେ ସାଇ ପଲ୍ଲବୀ କହନ୍ତି, ''ଆମୀର ସାର୍ ଯେତେବେଳେ ଏହି ରୋମାଣ୍ଟିକ ଲଭ୍‌ଷ୍ଟୋରୀର କାହାଣୀ ମୋତେ ଶୁଣାଇଲେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ସେ ମୋତେ କହିଥିଲେ ଯେ, ଏହାର ନାୟିକା ଭୂମିକା ପାଇଁ କେବଳ ମୁଁ ହିଁ ଫିଟ୍। କିଛି ସମୟ ଚିନ୍ତା କରିବା ପରେ ଏହି ଅଫରକୁ ଗ୍ରହଣ କରିଥିଲି। ଏ ନେଇ ଆମୀର ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି ସ୍ନେହା ଦେଶାଇ ଏବଂ ସ୍ପନ୍ଦନ ଦେଶାଇ। ସୁନୀଲ ପାଣ୍ଡେ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ରାମ ସମ୍ପଥ। ଫିଲ୍ମଟି ଚଳିତ ବର୍ଷ ମେ' ୧ରେ ରିଲିଜ ହେବାକୁ ଯାଉଛି। ତେବେ ଏହି ଯୋଡିକୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ସାଇ

# ତଥାପି ଖୁସି...

ତାରା ସୁଟାରିଆଙ୍କ ବଲିଉଡ୍‌ରେ ଆକ୍ଟିଂ କରିବାର ସାତ ବର୍ଷ ହୋଇଗଲାଣି। ହେଲେ ଯଦି ତାଙ୍କର ସିନେମା ସଂଖ୍ୟା ଗଣାଯାଏ ତେବେ ଜଣାପଡିବ ସେ ଇତିମଧ୍ୟରେ ମାତ୍ର କେତୋଟି ହାତଗଣତି ସିନେମାରେ ଅଭିନୟ କରିଛନ୍ତି। ତଥାପି ନିଜ କ୍ୟାରିୟରକୁ ନେଇ ଖୁସି ଅଛନ୍ତି ତାରା। ଏ ବିଷୟରେ ସେ କହନ୍ତି, ''ଏକଥା ସତ ଯେ, ମୋର ସାତବର୍ଷର କ୍ୟାରିୟର ଭିତରେ ମୁଁ ମାତ୍ର ୭ଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ଏହା ମୋତେ କିଛିଟା ଦୁଃଖ ଦେଉଛି, ହେଲେ ଅଫରଟିଏ ମିଳିବା ପ୍ରଯୋଜକ ଉପରେ ହିଁ ନିର୍ଭର କରିଥାଏ। ତା'ପରେ କାହାଣୀ ଏବଂ ଭୂମିକା ଭଲ ନ ଥିବାରୁ ମୁଁ କେତୋଟି ଅଫର ନିଜଆଡୁ ହାତଛଡା କରିଛି। ମୋର ନିଜ ଉପରେ ଶତ ପ୍ରତିଶତ ଭରସା ଅଛି ଯେ, ମୋତେ ଯେଉଁଭଳି ଭୂମିକା ମିଳିବ ତାହାକୁ ମୁଁ ଠିକ୍ ଭାବରେ ତୁଲାଇ ପାରିବି। କରନ୍ ସାର ଯେତେବେଳେ ମୋତେ 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'ରେ ବ୍ରେକ୍ ଦେଲେ ସେତେବେଳେ ମୁଁ ମୋ କ୍ୟାରିୟରକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲି। ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହେଲା, କିନ୍ତୁ ଏହାର ମାଇଲେଜ ମୋତେ ମିଳିଲା ନାହିଁ। ତଥାପି ମୁଁ ଆଶା ରଖିଛି ଆଗକୁ ମୋତେ ଅଧିକ ଅଫର ମିଳିବ।'' ତାରା ଅଭିନୟ କରିଥିବା ସିନେମାଗୁଡିକ ହେଲା-'ମରଜାୱାଁ', 'ତଡପ୍', 'ହେରୋପନ୍ତୀ ୨', 'ଏକ ଭିଲେନ୍ ରିର୍ଟନ୍‌ସ','ଅପୂର୍ବା' ଏବଂ ନିର୍ମାଣାଧୀନ କାନାଡା-ଇଂଲିସ ଫିଲ୍ମ 'ଟକ୍ସିକ'।



ତାରା

## ପ୍ରଥମ ରୋଜଗାର



କବି ଆଶିଷ କୁମାର ସାହୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ବାପାଙ୍କ ଅଭିମାନରେ ବି ମୋ ପାଇଁ ଆଶୀର୍ବାଦ ଥିଲା

ଘର ସିଡିଏ କଟକରେ। ରେଭେନ୍ସା କଲିଜିଏଟ୍ ସ୍କୁଲ୍ ଓ ପରେ କ୍ରାଏଷ୍ଟ କଲେଜରେ ମୋର ପାଠପଢ଼ା। ପାଠରେ ଯେମିତି ଭଲ ଥିଲି ଗୀତ ବି ସେମିତି ଗାଉଥିଲି। ହାର୍‌ମୋନିୟମ୍ ମଧ୍ୟ ଭଲ ବଜାଇ ପାରୁଥିଲି। କଲେଜରେ ପଢ଼ିଲାବେଳେ ଡ୍ରାମାଟିକ୍ ସେକ୍ରେଟାରୀ ବି ହୋଇଥିଲି। କବିତା ମଧ୍ୟ ଲେଖୁଥିଲି। 'ମିଳନର କେତୋଟି ମୁହୂର୍ତ୍ତ' ଥିଲା ମୋ ଲିଖିତ ପ୍ରଥମ କବିତା ; ଯାହାକି କଲେଜ ମାଗାଜିନ୍‌ରେ ପ୍ରକାଶ ପାଇଥିଲା। ଇଚ୍ଛା ଥିଲା ଗ୍ରାଜୁଏଶନ୍ ସରିବା ପରେ ସଙ୍ଗୀତ କ୍ଷେତ୍ରରେ କ୍ୟାରିୟର୍ କରିବାକୁ। କିନ୍ତୁ ବାପା ଅନାଦି ଚରଣ ସାହୁ ; ଯିଏକି ସେତେବେଳେ ଅଲ୍ ଇଣ୍ଡିଆ ରେଡିଓରେ ପ୍ରୋଗ୍ରାମ୍ ଏକ୍‌ଜିକ୍ୟୁଟିଭ୍ ଭାବେ କାମ କରୁଥିଲେ, ସେ ଆଦୌ ରାଜି ହେଲେନି। ବାପା ଚାହୁଁଥିଲେ ମୁଁ ଓକିଲ ଓ ସାନ ଭାଇ ଡାକ୍ତର ହେଉ ବୋଲି। ହେଲେ ମୋର ସେ ଦିଗରେ ଆଦୌ ରୁଚି ନ ଥିଲା। ଥରେ ରାଗିକି ବାପା ମୋ ହାର୍‌ମୋନିୟମ୍ ଭାଙ୍ଗିଦେଲେ। ମନ ଭାରି ଦୁଃଖ ହେଲା। ସେଇ ଅଭିମାନରେ ଗ୍ରାଜୁଏଶନ୍ ସରିବା ମାତ୍ରେ ଆଉ ନ ପଢ଼ି ଚାକିରି ପାଇଁ ବିଭିନ୍ନ ସ୍ଥାନରେ ଇଣ୍ଟରଭ୍ୟୁ ଦେଲି। ଯୋଗକୁ ସମ୍ବଲପୁରରେ ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ଭାବେ ମୋତେ କାମ ମିଳିଗଲା। ୨୮୮୫ ଟଙ୍କା ଥିଲା ମୋର ପ୍ରଥମ ଦରମା। ମୋର ମନେଅଛି, ଦରମା ଟଙ୍କାକୁ ଯେତେବେଳେ ବାପାଙ୍କ ହାତକୁ ବଢ଼ାଇଦେଲି, ସେ ଅଭିମାନରେ କହିଲେ, 'ମୋର ଏ ଟଙ୍କା କ'ଣ ହେବ, ତୋ ଦରମା ତୁ ରଖ।' ହେଲେ ବୋଉ ସେଦିନ ଖୁବ୍ କାନ୍ଦିଥିଲା। ମୋ ମୁଣ୍ଡରେ ହାତ ବୁଲାଇ କହିଥିଲା, 'ତୁ ଖୁବ୍ ଉନ୍ନତି କର'।

ତା'ପରେ ମୁଁ ବଜାର ଯାଇ ନିଜ ପସନ୍ଦରେ ବୋଉ ପାଇଁ ଗୋଟେ ଶାଢ଼ି, ବାପାଙ୍କ ପାଇଁ ପ୍ୟାଣ୍ଟ ଶାର୍ଟ କପଡ଼ା ଓ ଘର ପାଇଁ କିଛି ଫଳମୂଳ କିଣି ଆଣିଥିଲି। ସମସ୍ତେ ଖୁବ୍ ଖୁସି ହୋଇଥିଲେ। ବାପା ଉପରେ ଅଭିମାନ କଲେ ବି ମୁଁ ଦେଇଥିବା ପ୍ୟାଣ୍ଟଶାର୍ଟ କପଡ଼ାକୁ ସେଦିନ ସେ ଗ୍ରହଣ କରିବାରୁ ମୋତେ ଖୁବ୍ ଖୁସି ଲାଗିଥିଲା। ମୁଁ ସିନା ବାପାଙ୍କ ସ୍ୱପ୍ନକୁ ପୂରଣ କରିବାରେ ସକ୍ଷମ ହୋଇପାରିଲିନି, ହେଲେ ଆତ୍ମତୃପ୍ତି ଲାଗେ ଯେ ମୋ ଝିଅ ଆଡ୍‌ଭୋକେଟ୍ ହୋଇ ତା' ଜେଜେବାପାଙ୍କ ଇଚ୍ଛାକୁ ପୂରଣ କରିପାରିଛି। ଏ ତ ଥିଲା ମୋ କ୍ୟାରିୟର୍ ଓ ପାରିବାରିକ କଥା। କାର୍ଯ୍ୟବ୍ୟସ୍ତତା ଭିତରେ ବେଶ୍ କିଛି ବର୍ଷ ଯାଏ ମୁଁ ଲେଖାଲେଖି ପୂରା ବନ୍ଦ କରି ଦେଇଥିଲି। ଗତ ୮/୯ବର୍ଷ ହେବ ପୁଣି କବିତା ଲେଖିବା ଆରମ୍ଭ କରିଛି। ଚେନାଏ ଚିନ୍ତା ଓ ଚେତନା ହେଉଛି ମୋର ସବୁ କବିତାର ମୁଖ୍ୟ ଶୀର୍ଷକ। ମୋ କବିତାଗୁଡ଼ିକ ମୁଖ୍ୟତଃ ପ୍ରେମ, ବିରହ, ଚିନ୍ତନଧର୍ମୀ ଉପରେ ପର୍ଯ୍ୟବସିତ। ଏଯାବତ୍ ମୋ ଲିଖିତ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ କବିତା ପାଠକଙ୍କ ଦ୍ୱାରା ଆଦୃତି ଲାଭ କରିସାରିଛି। ଏଥିସହିତ ମୁଁ ଏବେ ପ୍ରତିଶ୍ରୁତି ନାମକ ଏକ ପତ୍ରିକାର ଉପଦେଷ୍ଟା ଭାବେ ଦାୟିତ୍ୱ ମଧ୍ୟ ତୁଲାଉଅଛି। ଆଗକୁ ମୋ କବିତାଗୁଡ଼ିକୁ ନେଇ କେତୋଟି ପୁସ୍ତକ ପ୍ରକାଶ କରିବାର ଯୋଜନା ରହିଛି। ଆଜି ମୁଁ ଯେଉଁ ସ୍ଥାନରେ ବି ପହଞ୍ଚିଛି ତାହା ଭଗବାନଙ୍କ ଆଶୀର୍ବାଦ ଆଉ ମୋ ବୋଉବାପାଙ୍କର ପ୍ରତ୍ୟକ୍ଷ ହେଉକି ପରୋକ୍ଷ ଶ୍ରଦ୍ଧା ଓ ସହଯୋଗ ଯୋଗୁ ସମ୍ଭବ ହୋଇପାରିଛି। ସେଥିପାଇଁ ସେମାନଙ୍କ ନିକଟରେ ମୁଁ ଚିର ଋଣୀ।

# ସ୍ୱପ୍ନ ସୁନ୍ଦରୀ ସେ ଫୁଲେଇ ରାଣୀ, ଚାହାଣି କହୁଛି ପ୍ରେମ କାହାଣୀ

ସାଥୀ



**ପ୍ରଶ୍ନ**–ଜଣେ ଅଜଣା ଝିଅ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ପ୍ରସନ୍ନ କୁମାର, ବାରିପଦା*

**ଉତ୍ତର:** ସେହି ଅଜଣା ଝିଅର କଣେଇ କଣେଇ ଚାହାଣିରେ ପ୍ରେମର ପହିଲି ଇସାରା ଲୁଚି ରହିଛି। 'ସ୍ୱପ୍ନ ସୁନ୍ଦରୀ ସେ ଫୁଲେଇ ରାଣୀ, ଚାହାଣି କହୁଛି ପ୍ରେମ କାହାଣୀ'। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ମୋ ସ୍ୱପ୍ନ ସୁନ୍ଦରୀ ଯା' ଭିତରେ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଅମନ ସାହୁ, ବଲାଙ୍ଗୀର*

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଓଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**–ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋ ଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*–ବିକ୍ରାନ୍ତ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ୍ ଭଟକା ରହିଯାଇଛି। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*–ସୁଜିତ, ଜଗତ୍‌ସିଂହପୁର*

**ଉତ୍ତର:** ପ୍ୟାର୍ କା ଲଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିଲା ତିଅଣ ସୁଡୁକାଏ ପରି।



# ରେନ୍‌ଡ୍ରପ୍ ଚୁଡ଼ି

**ମହିଳାଙ୍କ ଷୋଳ ଶୃଙ୍ଗାର ମଧ୍ୟରେ ଚୁଡ଼ିର ସ୍ଥାନ ସ୍ୱତନ୍ତ୍ର। ଆଉ ଏବେ ରେନ୍‌ଡ୍ରପ୍ ଚୁଡ଼ିର ଫ୍ୟାଶନ ଖୁବ୍ ଚାଲିଛି; ଯାହା ଟ୍ରାଡିସନାଲ୍ ଆଉଟ୍‌ଫିଟ୍ ହେଉକି ଇଣ୍ଡୋ-ୱେଷ୍ଟର୍ନ ଲୁକ୍ ସହିତ ବି ପରଫେକ୍ଟ ମ୍ୟାଚ୍ କରୁଛି...**





**ରେ**ନ୍‌ଡ୍ରପ୍ ଚୁଡ଼ିର ଟ୍ରେଣ୍ଡ ଏବେ ଖୁବ୍ ରହିଛି। ପ୍ଲେନ୍ କାଚ ଚୁଡ଼ି ଉପରେ ବର୍ଷାଜଳର ବିନ୍ଦୁ ଭଳି ସ୍ୱତନ୍ତ୍ର ଡିଜାଇନ୍ ହୋଇଥିବା ଷ୍ଟୋନ ଏବଂ ଗୋଲ୍ଡେନ୍ କଲର୍‌ର ଛୋଟ ଛୋଟ ମାଳିକୁ ଅଠା ଲଗାଇ ଏହି ଚୁଡ଼ି ପ୍ରସ୍ତୁତ କରାଯାଉଥିବାରୁ ଏହାର ଏପରି ନାମକରଣ ହୋଇଥିବା ସୂଚନା ରହିଛି। କେହି କେହି ଏହାକୁ ରେନ୍‌ଡ୍ରପ୍ ଗ୍ଲାସ୍ ବାଙ୍ଗଲ୍ସ ବୋଲି ବି କହିଥାନ୍ତି। ଏହା ବିଭିନ୍ନ ରଙ୍ଗରେ ମଧ୍ୟ ଉପଲବ୍ଧ ହୋଇଥାଏ। ମୁଖ୍ୟ କଥା ହେଉଛି, ଏହି ଚୁଡ଼ିରେ ଲାଗିଥିବା ରେନ୍‌ଡ୍ରପ୍ ଡିଜାଇନ୍‌ର ଷ୍ଟୋନଗୁଡ଼ିକୁ ଟିକେ ସ୍ୱତନ୍ତ୍ର ଶୈଳୀରେ କଟିଙ୍ଗ୍ କରାଯାଇଥାଏ ; ଯଦ୍ୱାରା ଏହାକୁ ଯେ କୌଣସି ଆଙ୍ଗେଲ୍‌ରେ ଦେଖିଲେ ବି ଏହା ସାଇନିଂ କରିଥାଏ। ଖାସ୍ ସେଇଥିପାଇଁ ତ ବାହାଘର ହେଉକି ପର୍ବପର୍ବାଣୀ, ରେନ୍‌ଡ୍ରପ୍ ଚୁଡ଼ି ସବୁ ପ୍ରକାରର ଅକେଜନ୍ ଓ ସବୁ ପ୍ରକାରର ଆଉଟ୍‌ଫିଟ୍ ସାଙ୍ଗେ ପରଫେକ୍ଟ ମ୍ୟାଚ୍ କରିଥାଏ। ତେବେ ଏହାର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି, ଜାଣନ୍ତୁ ସେ ସମ୍ପର୍କରେ...

✲ **ନାଲି ରଙ୍ଗର ରେନ୍‌ଡ୍ରପ୍ ଚୁଡ଼ି:** ନାଲି ରଙ୍ଗକୁ ଭାରତୀୟ ସଂସ୍କୃତିରେ ପ୍ରେମ, ଶକ୍ତି ଓ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଇଥାଏ। ବାହାଘରରେ ନବବଧୂଟିଏ ନାଲି ଚୁଡ଼ି ପିନ୍ଧିବାର ବିଧି ରହିଛି। ଆଉ ଯଦି ତାଙ୍କୁ ନାଲି ରଙ୍ଗର ରେନ୍‌ଡ୍ରପ୍ ଚୁଡ଼ି ମ୍ୟାଚିଂ କରି ପିନ୍ଧାଯାଏ, ତା'ହେଲେ ହାତର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଯାଏ। ବ୍ରାଇଡାଲ୍ ଲୁକ୍ ଆହୁରି ଗର୍ଜିୟସ୍ ଲାଗେ।

✲ **ସବୁଜ ରଙ୍ଗର ରେନ୍‌ଡ୍ରପ୍ ଚୁଡ଼ି:** ଏହା ଝିଅ ହୁଅନ୍ତୁ କି ମହିଳାଙ୍କୁ ସିମ୍ପଲ ଓ ଏଲିଗାଣ୍ଟ ଲୁକ୍ ଦେଇଥାଏ। ବିଶେଷକରି ଏହି ଟାଇପ୍‌ର ଚୁଡ଼ିକୁ ଗୋଲ୍ଡେନ୍ ଅବା କୁନ୍ଦନ କାମ ହୋଇଥିବା କଙ୍ଗନ୍ ସାଙ୍ଗେ ମ୍ୟାଚିଂ କରି ପିନ୍ଧିଲେ ରୟାଲ୍ ଲୁକ୍ ମିଳେ।

✲ **ଗୋଲ୍ଡେନ୍ ଅବା ମଲ୍ଟି କଲର୍‌ର ରେନ୍‌ଡ୍ରପ୍ ଚୁଡ଼ି:** ଏହି ଟାଇପ୍‌ର ଚୁଡ଼ି ମୁଖ୍ୟତଃ ଫେଷ୍ଟିଭ୍ ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ। ବିଶେଷକରି ମେହେନ୍ଦି ଫଙ୍କସନ୍‌କୁ କୌଣସି ଏଥ୍‌ନିକ୍ ଆଉଟ୍‌ଫିଟ୍ ପିନ୍ଧି ଯାଉଥିଲେ, ତା'ସାଙ୍ଗକୁ ମ୍ୟାଚିଂ କରି ଗୋଲ୍ଡେନ୍ ହେଉକି ମଲ୍ଟି କଲର୍‌ର ରେନ୍‌ଡ୍ରପ୍ ଚୁଡ଼ି ପିନ୍ଧିକି ଗଲେ ଫ୍ରେଶ୍ ଓ ବ୍ରାଇଟ୍ ଲୁକ୍ ମିଳେ। କାରଣ ଏହା ଯେ କୌଣସି ରଙ୍ଗର ଆଉଟ୍‌ଫିଟ୍ ସାଙ୍ଗେ ପରଫେକ୍ଟ ମ୍ୟାଚ୍ କରିଯାଏ।

✲ **କୁନ୍ଦନ ୱାର୍କ ରେନ୍‌ଡ୍ରପ୍ ଚୁଡ଼ି:** ଏହି ଟାଇପ୍‌ର ଚୁଡ଼ିର ଡିମାଣ୍ଡ ଏବେ ବ୍ରାଇଡାଲ୍ ଜୁଏଲେରୀରେ ଖୁବ୍ ରହିଛି। କାଚ ଚୁଡ଼ି ଉପରେ ହାଲ୍‌କା କୁନ୍ଦନ ଅବା ଷ୍ଟୋନ ୱାର୍କ ହୋଇଥିବାରୁ ଏହା ନବବଧୂଙ୍କୁ ରିଚ୍ ଲୁକ୍ ଦିଏ।



✲ **ଲଟକନ୍ ବାଲା ରେନ୍‌ଡ୍ରପ୍ ଚୁଡ଼ି:** ଲଟ୍‌କନ୍ ଡିଜାଇନ୍‌ର ଗୋଲ୍ଡେନ୍ ଚୁଡ଼ି ସାଙ୍ଗରେ ରେନ୍‌ଡ୍ରପ୍ ଚୁଡ଼ିକୁ ମ୍ୟାଚିଂ କରି ଆକର୍ଷଣୀୟ ବ୍ରାଇଡାଲ୍ ଲୁକ୍ ବି ପାଇହେବ।

✲ **ପେଷ୍ଟାଲ ସେଡ୍ ରେନ୍‌ଡ୍ରପ୍ ଚୁଡ଼ି:** ଯେଉଁମାନଙ୍କୁ ବେଶୀ ଗର୍ଜିୟସ୍ ଲୁକ୍ ପସନ୍ଦ ନୁହଁ, ସେମାନେ ଚାହିଁଲେ ପେଷ୍ଟାଲ ସେଡ୍ସ ଯେମିତିକି ହାଲ୍‌କା ଗୋଲାପୀ, ମିଣ୍ଟ ଗ୍ରୀନ୍ ଅବା ସ୍କାଏ ବ୍ଲୁ କଲର୍‌ର ରେନ୍‌ଡ୍ରପ୍ ଚୁଡ଼ିକୁ ନିଜ ଆଉଟ୍‌ଫିଟ୍ ସାଙ୍ଗେ ମ୍ୟାଚିଂ କରି ସୋବର୍ ଲୁକ୍ ପାଇପାରିବେ।

✲ **ଡୁଆଲ୍ ସେଡ୍ ରେନ୍‌ଡ୍ରପ୍ ଚୁଡ଼ି:** ଏହି ଟାଇପ୍‌ର ଚୁଡ଼ିରେ ଦୁଇ ପ୍ରକାର ସେଡ୍ସର ଜଳବିନ୍ଦୁ ଭଳି ଚମକ୍ ଆସିଥାଏ। ଏହାକୁ ୱେଷ୍ଟନ୍ ହେଉକି ଟ୍ରାଡିସନାଲ୍ ଉଭୟ ପ୍ରକାରର ଆଉଟ୍‌ଫିଟ୍ ସାଙ୍ଗେ ମ୍ୟାଚିଂ କରି ପିନ୍ଧିଲେ ମଡର୍ଣ୍ଣ ଓ ରୟାଲ୍ ଲୁକ୍ ମିଳେ।

**ଟିପ୍ସ**

- ମୁଖ୍ୟତଃ ରେନ୍‌ଡ୍ରପ୍ ଚୁଡ଼ି ଶାଢ଼ି, ଲେହେଙ୍ଗା ଓ ସାଲୱାର୍ ସୁଟ୍ ସାଙ୍ଗେ ଭଲ ମାନେ। କିନ୍ତୁ ଯେଉଁମାନେ ମଡର୍ଣ୍ଣ ଆଉଟ୍‌ଫିଟ୍ ପିନ୍ଧୁଛନ୍ତି, ସେମାନେ ଚାହିଁଲେ ଏହାକୁ ସିଲ୍‌ଭର୍ ବ୍ରେସ୍‌ଲେଟ୍ ଅବା ହାଲ୍‌କା କୁନ୍ଦନ କାମ ହୋଇଥିବା କଙ୍ଗନ୍ ସହିତ ମିକ୍ସ କରି ପିନ୍ଧିପାରିବେ।



## ହାଃ ହାଃ

### ବୁଲେଟ୍

ପୁଅ ବାପାଙ୍କୁ: ମୋ ପାଇଁ ବୁଲେଟ୍ ଆଣିଦିଅ।
ବାପା: ଲାଜ ଲାଗୁନି, ପଢାପଢିର ନାଁ ନାଇଁ ପୁଅକୁ ବୁଲେଟ ଦରକାର। ଦେଖିଲୁ ପଡ଼ିଶା ଘର ମନିଷାକୁ। ଟପ୍ପର ହେଇକି କେମିତି ବସ୍‌ରେ ଯାଉଛି।
ପୁଅ: ସେଇୟା ଦେଖିକି ତ ସହି ହେଉନି। ବୁଲେଟ୍ ଆଣିବାକୁ କହୁଛି।

### ଶିଖିଲ

ପପୁକୁ ବାପା 'ଠେକୁଆ ଓ କଇଁଛ ରେସ୍' ଗପ କହିବା ପରେ ପଚାରିଲେ–ଏଇ ଗପରୁ ତୁ କ'ଣ ଶିଖିଲୁ ?
ପପୁ: ରେସ୍ ପଛକେ ହାରିଯାଅ, ନିଦ ପୁରା ହେବା ଜରୁରୀ।

### ଡ୍ୟାଡ୍

ବାପା ଝିଅକୁ: ଆଗରୁ ତୁ ମତେ ପାପା ବୋଲି ଡାକୁଥିଲୁ। ଏଇ କିଛିଦିନ ହେବ'ଡ୍ୟାଡ୍' ଡାକୁଛୁ। ହେଲେ କାହିଁକି ?
ଝିଅ: କମ୍ ଅନ୍ ଡ୍ୟାଡ୍ ଏତିକି ବୁଝିପାରୁନ ? 'ପାପା' ଡାକିଲେ ମୋ ଲିପଷ୍ଟିକ ଖରାପ ହେଇ ଯାଉଛି। ସେଥିପାଇଁ ପରା ଡ୍ୟାଡ୍ ଡାକୁଛି।

### ନକଲ

ସ୍ତ୍ରୀ ସ୍ୱାମୀଙ୍କୁ ଫୋନ କରି: ଖାଇଲଣି ?
ସ୍ୱାମୀ ମସ୍ତି ମୁଡ୍‌ରେ ନକଲ କରି: ଖାଇଲଣି ?
ସ୍ତ୍ରୀ: ମୁଁ ତମକୁ ପଚାରୁଛି ।
ସ୍ୱାମୀ: ମୁଁ ତୁମକୁ ପଚାରୁଛି।
ସ୍ତ୍ରୀ: ତମେ ମୋ ନକଲ କାହିଁକି କରୁଛ ?
ସ୍ୱାମୀ: ତମେ ମୋ ନକଲ କାହିଁକି କରୁଛ ?
ସ୍ତ୍ରୀ ଚାଲାକି କରି: 'ଚାଲ ଶପିଂ ଯିବା'।
ସ୍ୱାମୀ: ନା, ଖାଇନି।
ସ୍ତ୍ରୀ: ଏବେ ଆସିଲ ଲାଇନ୍‌କୁ।



# ବିଷ୍ଣୁଚକ୍ର ଗଡ଼

**ଭା**ରତବର୍ଷରେ ଫରାସୀ ଓ ଇଂରାଜୀମାନଙ୍କ ଦ୍ୱାରା ଶାସନ ଚାଲିଥିଲା। ଗଞ୍ଜାମ ଜିଲା ସେହି ସମୟରେ ଶ୍ରୀକାକୁଲମ ସରକାରଙ୍କ ଇଚ୍ଛାପୁରସ୍ଥ ବିଭାଗରେ ଅନ୍ତର୍ଭୁକ୍ତ ଥିଲା। ଘୁମୁସର ରାଜାଙ୍କଠାରୁ କର ଅନାଦାୟ ହୋଇ ବାକି ପଡ଼ିଥିଲା। ଫଳରେ ଫରାସୀ ସେନାପତି ଜେନେରାଲ ଡି. ବୁସି ଜମିଦାର ଓ ରାଜାମାନଙ୍କୁ ଆୟତ୍ତ କରିବା ପାଇଁ ବାଲିପଦର ପାହାଡ଼ ତଳେ ସୈନ୍ୟ ସାମନ୍ତ ଧରି ଡେରା ପକାଇଲେ। କୃଷ୍ଣ ଭଞ୍ଜ ଜେନେରାଲ ଡି. ବୁସି ଓ ଫରାସୀ ସୈନ୍ୟମାନଙ୍କୁ ପ୍ରତିରୋଧକରିବା ପାଇଁ ପ୍ରଥମେ ସୋରଡ଼ା(ବାଲିପଦର–ବିଷ୍ଣୁଚକ୍ର ନିକଟସ୍ଥ ଗ୍ରାମ)ରେ ସୈନ୍ୟସାମନ୍ତ ଠୁଳ କଲେ। ପରେ କୃଷ୍ଣ ଭଞ୍ଜ ତାଙ୍କର ସଜ୍ଜିତ ଥିବା ୧୫,୦୦୦ ସୈନ୍ୟଙ୍କୁ ନେଇ ପ୍ରତିରୋଧ କଲେ। ଫରାସୀ ସୈନ୍ୟ ଓ ଘୁମୁସର ସୈନ୍ୟମାନଙ୍କ ମଧ୍ୟରେ ବାଲିପଦର ନିକଟସ୍ଥ ପାହାଡ଼ ତଳେ ୧୭୫୪ ଖ୍ରୀଷ୍ଟାବ୍ଦରେ ତୁମୁଳଯୁଦ୍ଧ ହେଲା। ବହୁ ଫରାସୀ ସୈନ୍ୟ ମୃତାହତ ହେବା ସହ ଛତ୍ରଭଙ୍ଗ ଦେଲେ। ୧୭୫୮ ଖ୍ରୀଷ୍ଟାବ୍ଦରେ ଫରାସୀମାନେ ଘୁମୁସରରେ କର ଆଦାୟ ପାଇଁ ବଳ ପ୍ରୟୋଗ କରିବା ଆରମ୍ଭ କରିଦେଇଥିଲେ। ଏହାପରେ ସେମାନେ କୁଲାଡ଼ ଦୁର୍ଗ ଅଭିମୁଖେ ସୈନ୍ୟ ଚାଳନା କରିଥିଲେ। ୧୭୬୭ରେ ରାଜା କୃଷ୍ଣ ଭଞ୍ଜ ୩୦ହଜାର ଟଙ୍କା ବାର୍ଷିକ ଜମା ଦେବାପାଇଁ ନିର୍ଦ୍ଧାରିତ ହେଲା। କିନ୍ତୁ ଗଞ୍ଜାମର ପ୍ରଥମ ରେସିଡେଣ୍ଟ ଏଡ୍‌ୱାର୍ଡ କଟସ୍‌ଫୋର୍ଡ କୃଷ୍ଣ ଭଞ୍ଜଙ୍କଠାରୁ ୪୫ ହଜାର ଟଙ୍କା ଦାବିକଲେ। ଏଇ ଅତ୍ୟଧିକ ଖଜଣା ଦାବି ଫଳରେ କୃଷ୍ଣ ଭଞ୍ଜ ଅସନ୍ତୁଷ୍ଟ ହେଲେ, ଫଳରେ ୧୭୭୩ରେ କୃଷ୍ଣ ଭଞ୍ଜଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଘୁମୁସର ଅସ୍ଥିରତା ଭିତରେ ଗତି କରିଥିଲା। କୃଷ୍ଣ ଭଞ୍ଜଙ୍କ ମୃତ୍ୟୁ ପରେ ତାଙ୍କର ୨ ପୁଅ ଲକ୍ଷ୍ମଣ ଓ ତ୍ରିବିକ୍ରମ ଭଞ୍ଜଙ୍କ ମଧ୍ୟରେ ସିଂହାସନକୁ ନେଇ ସୃଷ୍ଟି ହେଇଥିବା ବିବାଦର ଫାଇଦା ଉଠାଇ ଇଂରେଜମାନେ ବାର୍ଷିକ ୫୦ହଜାର ଟଙ୍କା ବିନିମୟରେ ତ୍ରିବିକ୍ରମଙ୍କୁ ସମର୍ଥନ କଲେ। କିନ୍ତୁ ସେ ଏହି ବର୍ଦ୍ଧିତ ହାରରେ ଜମା ଦେବା ପାଇଁ ଅସମର୍ଥ ହେବାରୁ ଇଂରେଜ ସୈନ୍ୟମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ବିଷ୍ଣୁଚକ୍ର, ବୁଗୁଡ଼ା ଓ କୁଲାଡ଼ ଦୁର୍ଗକୁ ନିଜ ଅଧୀନକୁ ନେଇ ଦଖଲ କଲେ। ୧୮୧୭ ରେ ଖୋର୍ଦ୍ଧାର ପାଇକ ବିଦ୍ରୋହରେ ଘୁମୁସରର ୫ଶହରୁ ଅଧିକ କନ୍ଧ ସୈନିକ ଯୋଗଦାନ କରିଥିଲେ।

ଉତ୍କଳଘଣ୍ଟ ଯଦୁମଣି ଖୋର୍ଦ୍ଧାରେ ନିଜର ପ୍ରାଥମିକ ଶିକ୍ଷା ସମାପନ ପରେ ତାଙ୍କ ଗୁରୁ ସଂସ୍କୃତ ଅଧ୍ୟୟନ ନିମନ୍ତେ ଏହି ଗ୍ରାମକୁ ବିଶିଷ୍ଟ ବିଦ୍ୱାନ୍ ପଞ୍ଚମୁଖ କବିରାଜ ଭଗବାନ ବାହିନୀପତିଙ୍କ ନିକଟକୁ ପଠାଇଥିଲେ। ବାହିନୀପତିଙ୍କ ଆରାଧ ଦେବତା ଥିଲେ ହୟଗ୍ରୀବ ଠାକୁର। ଯଦୁମଣିଙ୍କୁ ଉଚ୍ଚତର ସଂସ୍କୃତ ଅଧ୍ୟୟନ ସହ ହୟଗ୍ରୀବ ନାରାୟଣଙ୍କ ଉପାସନା ପାଇଁ ପରାମର୍ଶ ଦେଲେ। ହୟଗ୍ରୀବଙ୍କୁ ଉପାସନାରେ ସନ୍ତୁଷ୍ଟକରି ଯଦୁମଣି କବିତ୍ୱ ପ୍ରାପ୍ତି ହେଲେ। ଏହି କଥା ତାଙ୍କ ରଚନାରେ ଉଲ୍ଲେଖ କରିଛନ୍ତି। 'ହୟଗ୍ରୀବ ମହାପ୍ରଭୁ ପ୍ରତାପେ/ଥୋଡ଼ା ନୁହେଁ ଲୋଡ଼ା କରନ୍ତି ନୃପେ। ଯୋଡ଼ା ହେବା ମୋ ପ୍ରୌଢ଼ କବିତାକୁ/ ବଳି ବଳି ରସଦାନୀ କର୍ଣ୍ଣକୁ/ ଭଲେଭଲ, ଖଣ୍ଟେଖଣ୍ଟ ଯେ/ନବ ଦୁର୍ବାଦଳ ଶ୍ୟାମଳ କୃପାରୁ/ମୋ ନାମ ଉତ୍କଳ ଘଣ୍ଟଯେ ॥' ଘନ ଭଞ୍ଜଙ୍କ ଶାସନ କାଳରେ ବିଷ୍ଣୁଚକ୍ର ଗଡ଼ଠାରୁ ଭଗବାନ ବାହିନୀପତିଙ୍କୁ ବିତାଡ଼ିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଷ୍ଣୁଚକ୍ର ଗଡ଼ରୁ ହୟଗ୍ରୀବ ନାରାୟଣଙ୍କ ମୂର୍ତ୍ତି ରହସ୍ୟମୟଭାବେ ଅନ୍ତର୍ଦ୍ଧାନ ନେଇ ଇତିହାସ ନୀରବ। କିନ୍ତୁ ହୟଗ୍ରୀବ ନାରାୟଣଙ୍କ ଭଗ୍ନ ମନ୍ଦିର ଆଜି ମଧ୍ୟ ଗ୍ରାମର ଶେଷଭାଗରେ ରହିଛି। ଗ୍ରାମରେ ଥିବା ଶ୍ରୀମନ୍ ନାରାୟଣ ମନ୍ଦିର ଶ୍ରୀକର ଭଞ୍ଜଙ୍କ ସମୟରେ ନିର୍ମିତ ହେଇଥିଲା।

ଶ୍ରୀକର ଭଞ୍ଜ ବ୍ରହ୍ମ ହତ୍ୟା ଦୋଷରୁ ମୁକ୍ତି ପାଇଁ ପଞ୍ଚ ନାରାୟଣ ମନ୍ଦିର ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ କୁଲାଡ଼ର ଲକ୍ଷ୍ମୀ ନାରାୟଣ ମନ୍ଦିର, ନାଟଙ୍ଗା ବରପଲ୍ଲୀର ଶ୍ରୀନାରାୟଣ ମନ୍ଦିର ଓ ଆସିକା ନିକଟସ୍ଥ ବାବନପୁରଠାରେ ହୟଗ୍ରୀବ ନାରାୟଣ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ରାଜାଙ୍କ ମହାପ୍ରୟାଣ ଘଟିଲା। ଦୀର୍ଘବର୍ଷ ଅପୂର୍ଣ୍ଣ ଅବସ୍ଥାରେ ରହିବା ପରେ ୨୦୧୨ ମସିହାରେ ଏହି ମନ୍ଦିର ପ୍ରତିଷ୍ଠା ହେଲା। ବର୍ତ୍ତମାନ ଏହି ମନ୍ଦିର ଲକ୍ଷ୍ମୀନାରାୟଣଙ୍କୁ ସମର୍ପିତ ମନ୍ଦିର। ପ୍ରତିଷ୍ଠା ସମୟରେ ଭଞ୍ଜବଂଶ ଦାୟାଦଙ୍କ ଉପସ୍ଥିତି କଥା ସ୍ଥାନୀୟ ଜନତାଙ୍କଠାରୁ ପ୍ରକାଶ।

**–ଚିନ୍ମୟ ରଞ୍ଜନ ମିଶ୍ର**, ମୋ: ୯୪୩୯୪୦୭୧୮୯

ସହାୟକ ଗ୍ରନ୍ଥ–ପୁଣ୍ୟଭୂମି ଘୁମୁସର/ଶ୍ରୀ ଶ୍ରୀ ବିରଞ୍ଚି ନାରାୟଣ ଓ ସୂର୍ଯ୍ୟ ଉପାସନା



# ନକ୍କି ହ୍ରଦ

**ରାଜସ୍ଥାନର ଏକ ହିଲ୍ ଷ୍ଟେଶନ ହେଉଛି ମାଉଣ୍ଟ ଆବୁ। ଆଉ ଏହି ହିଲ୍ ଷ୍ଟେଶନ ପାଖରେ ହିଁ ରହିଛି ନକ୍କି ନାମକ ହ୍ରଦ; ଯାହାର ମନୋରମ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏଠାରେ ବୋଟିଂର ସୁବିଧା ଥିବାରୁ ପର୍ଯ୍ୟଟକଙ୍କର ଭଲ ଭିଡ଼ ବି ଜମେ...**





ନକ୍କି ହ୍ରଦ ; ଯାହାକି ରାଜସ୍ଥାନର ମାଉଣ୍ଟ ଆବୁଠାରେ ଅବସ୍ଥିତ। ସମୁଦ୍ର ପତ୍ତନରୁ ପ୍ରାୟ ୧୨୦୦ ମିଟର ଉଚ୍ଚତାରେ ଥିବା ଏହି ହ୍ରଦର ପୌରାଣିକ ମହତ୍ତ୍ୱ ବି ଖୁବ୍ ସମୃଦ୍ଧ। କେବଳ ସେତିକି ନୁହେଁ ଏଠାକାର ମନୋରମ ପ୍ରାକୃତିକ ଦୃଶ୍ୟ ମଧ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରେ। ପାହାଡ଼, ପର୍ବତଘେରା ଏହି ହ୍ରଦର ଶୀତଳ ଜଳରାଶିରେ ଗାଧୋଇବା ଅବା ବୋଟିଂ କରିବା କିଛିଟା ନିଆରା ଆନନ୍ଦ ଦେଇଥାଏ।

## ନାମକରଣକୁ ନେଇ ଲୋକକଥା

ଉକ୍ତ ହ୍ରଦର ନାମ ନକ୍କି କାହିଁକି ରଖାଯାଇଛି ତାହାକୁ ନେଇ ଅନେକ ଲୋକକଥା ଏଠାରେ ଶୁଣିବାକୁ ମିଳେ। ଯେମିତିକି କେହି କେହି କୁହନ୍ତି, 'ଆଜକୁ ବହୁ ବର୍ଷ ପୂର୍ବେ ଏଠାକାର ଜଣେ ରାଜା ନିଜ କନ୍ୟାର ବିବାହକୁ ନେଇ ଘୋଷଣା କଲେ ଯେ, ଯେଉଁ ବ୍ୟକ୍ତି ଗୋଟିଏ ରାତିରେ ବିନା କୌଣସି ହାତହତିଆର ସାହାଯ୍ୟରେ ଏଠାରେ ହ୍ରଦଟିଏ ଖୋଳିବାରେ ସକ୍ଷମ ହେବେ, ସେ ତାଙ୍କ ସହିତ ନିଜ କନ୍ୟାର ବିବାହ କରାଇଦେବେ। ଏଭଳି ସର୍ତ୍ତ ଶୁଣି କେହି ବି ରାଜି ହେଲେନି। ହେଲେ ରସିୟା ବାଲମ ନାମକ ଜଣେ ଶିଳ୍ପକାର ଏହି କାମ କରି ଦେଖାଇବାକୁ ଆଗକୁ ଆଗେଇ ଆସିଲେ। ସେ ନିଜ ନଖ ସାହାଯ୍ୟରେ ହ୍ରଦ ଖୋଳିବାକୁ ଲାଗିଲେ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ କାମ କରି ଦେଖାଇବାର ଝୁଙ୍କ୍‌ରୁ ହିଁ ଜଣା ପଡିଯାଉଥିଲା ଯେ, ସେ ସକାଳ ସୁଦ୍ଧା ହ୍ରଦ ଖୋଳିବାରେ ସକ୍ଷମ ହୋଇଯିବେ। ଏକଥା ରାଜାଙ୍କ ମାତାଙ୍କୁ ଆଦୌ ପସନ୍ଦ ନ ଥିଲା। କାରଣ ସେ ନିଜ ନାତୁଣୀକୁ ଜଣେ ଶିଳ୍ପକାର ସହିତ ବିଭା ଦେବାକୁ ଚାହୁଁ ନ ଥିଲେ। ତେଣୁ ସେ ଛଳନା କରି ଲୁଚି ଲୁଚି ଯାଇ ହ୍ରଦ ଖୋଳା ଯାଉଥିବା ସ୍ଥାନରେ ଗଞ୍ଜା ଭଳି ବାରମ୍ବାର ବୋବାଇବାକୁ ଲାଗିଲେ ; ଯଦ୍ୱାରା ଶିପାହିମାନଙ୍କୁ ସନ୍ଦେହ ହେଲା ଯେ, ରସିୟା ବୋଧେ ହ୍ରଦ ଖୋଳିବା ପାଇଁ ଗଞ୍ଜାମାନଙ୍କର ସାହାଯ୍ୟ ନେଉଛି। ଏକଥା ରାଜାଙ୍କ କାନକୁ ଯିବାରୁ ରାଜା ରସିୟା ଉପରେ ଭୀଷଣ ବିରକ୍ତ ହୋଇ ତାଙ୍କୁ ସେଠାରୁ ତଡ଼ିଦେଲେ। କିନ୍ତୁ ସେତେବେଳକୁ ହ୍ରଦ ଖୋଳା ପ୍ରାୟତଃ ସରି ଆସିଥିଲା। ପରବର୍ତ୍ତୀ ସମୟରେ ଏହି ଅଧୂରା ବିବାହ କାହାଣୀକୁ ଆଧାର କରି ଉକ୍ତ ହ୍ରଦର ନାମ ନଖ୍ କି ଝିଲ୍ ବା ନଖର ହ୍ରଦ ରଖାଗଲା। ସମୟାନୁକ୍ରମେ ଲୋକମୁଖରେ ଏହା ଅପଭ୍ରଂଶ ହୋଇ ନକ୍କି ଝିଲ୍ ବା ନକ୍କି ହ୍ରଦ ଭାବେ ଲୋକପ୍ରିୟତା ପାଇବାକୁ ଲାଗିଲା ବୋଲି ସୂଚନା ରହିଛି। ସେହିପରି ଆଉ କେହି କେହି ଉକ୍ତ ହ୍ରହର ଉତ୍ପତ୍ତିକୁ ନେଇ ଭିନ୍ନ କିଛି କଥା କହୁଥିବାର ମଧ୍ୟ ଶୁଣିବାକୁ ମିଳେ। ସେମାନଙ୍କ ମତରେ, ଥରେ ଦେବତାମାନଙ୍କ ଉପରକୁ ବିପଦ ଆସିବାରୁ ସେମାନେ ଏହି ସ୍ଥାନରେ ନଖ ସାହାଯ୍ୟରେ ଏକ ହ୍ରଦ ଖୋଳି ସେଥିରେ ଲୁଚି ନିଜକୁ ସୁରକ୍ଷିତ ରଖିଥିଲେ। ଆଉ ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ଉକ୍ତ ହ୍ରଦର ନାମ ନଖ୍ କି ଝିଲ୍ ଏବଂ ପରେ ନକ୍କି ଝିଲ୍ ବା ନକ୍କି ହ୍ରଦ ଭାବେ ଲୋକମୁଖରେ ଶୁଣାଗଲା। ତେଣୁ ଏହି ନକ୍କି ହ୍ରଦର ନାମକରଣ ପଛରେ ପ୍ରକୃତ କାରଣ କ'ଣ ହୋଇପାରେ, ସେ ନେଇ ଏବେ ବି ଗବେଷଣା ଜାରି ରହିଥିବା ସୂଚନା ରହିଛି।





## ଅନ୍ୟାନ୍ୟ ଆକର୍ଷଣ

* ପର୍ଯ୍ୟଟକ ଏଠାରେ ନକ୍କି ହ୍ରଦର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ନିକଟରେ ଥିବା ଦିଲ୍‌ୱାରା ଜୈନ ମନ୍ଦିର ମଧ୍ୟ ବୁଲି ଦେଖିପାରିବେ। ଆଉ ସେହି ଦିଲ୍‌ୱାରା ମନ୍ଦିର ପାଖରେ ରସିୟା ବାଲମ ଏବଂ କୁଆଁରୀ କନ୍ୟା (ରସିୟା ବାଲମ ଯେଉଁ ରାଜକୁମାରୀଙ୍କୁ ବିବାହ କରିଥାନ୍ତେ)ଙ୍କୁ ସମର୍ପିତ ଆଉ ଦୁଇଟି ଛୋଟ ଛୋଟ ମନ୍ଦିରକୁ ବି ପର୍ଯ୍ୟଟକ ବୁଲି ଯାଇପାରିବେ।
* ନକ୍କି ହ୍ରଦ ନିକଟରେ ଏକ ସନ୍‌ସେଟ୍ ପଏଣ୍ଟ ରହିଛି। କିନ୍ତୁ ଏଠାକୁ ପର୍ଯ୍ୟଟକଙ୍କୁ ଯିବାକୁ ବାରଣ କରାଯାଇଥାଏ। କାରଣ ବେଳେବେଳେ ଏହି ରାସ୍ତା ଦେଇ ଭାଲୁ, ଶୃଗାଳ ଆଦି ଜଙ୍ଗଲୀ ପଶୁ ଯା'ଆସ କରୁଥିବାର ଦେଖାଯାଏ।
* ଉକ୍ତ ହ୍ରଦ ନିକଟରେ ଥିବା ଏକ ପାହାଡ଼ ଉପରେ ରଘୁନାଥ ମନ୍ଦିର ଏବଂ ମହାରାଜା ଜୟପୁର ମହଲ ଥିବାର ବି ପର୍ଯ୍ୟଟକ ଦେଖିପାରିବେ।
* ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଏହି ହ୍ରଦରେ ବୋଟିଂର ସୁବିଧା ରହିଛି। ଏଥିସହିତ ପର୍ଯ୍ୟଟକ ଏଠାରେ ଘୋଡ଼ା ସବାରର ବି ମଜା ନେଇପାରିବେ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ରହିଛି। ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଅବୁ ରୋଡ୍ ରେଲ୍‌ୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ। ସେହିପରି ମହାରାଣା ପ୍ରତାପ ଏୟାରପୋର୍ଟ ହେଉଛି ଏହାର ନିକଟତମ ମୁଖ୍ୟ ବିମାନବନ୍ଦର।





# ପଇଡ଼ ଭିତରେ ପାଣି ଆସିଲା କୋଉଠୁ





**ପଇଡ଼ର ଉପର ଟାଣ। ହେଲେ ଭିତରଟି ନରମ ଓ ମଧୁର ଜଳରେ ପୂର୍ଣ୍ଣ। ସେଇ ମଧୁର ଜଳ ପିଇବାକୁ କିଏ ବା ଭଲ ନ ପାଏ? ଖରାଦିନରେ ତ ଏହାର ଚାହିଦା ଅଧିକ ବଢ଼ିଯାଏ। ହେଲେ କେବେ ଭାବିଛନ୍ତି କି ପଇଡ ଭିତରକୁ ଏଇ ମଧୁର ଜଳ ଆସିଲା କେମିତି? ଜାଣନ୍ତୁ ସେ ସମ୍ପର୍କରେ...**



ନଡିଆ ଏକ ଅଜବ ଫଳ। ବାହାର ଖୁବ୍ ଶକ୍ତ। ଚାରିଆଡ଼ୁ ଆବଦ୍ଧ। ହେଲେ ତା'ଭିତରେ ଭର୍ତ୍ତି ହୋଇ ରହିଥାଏ ମଧୁର ପୌଷ୍ଟିକ ଜଳ। ତେବେ ଏହା ହୁଏ କେମିତି? ଏ ଜଳ ଆସେ କେଉଁଠୁ? ପଇଡ ବା ନଡ଼ିଆ ଭିତରକୁ ପାଣି ଯାଏ କେମିତି?

ନଡ଼ିଆ ହିଁ ବୋଧହୁଏ ଏମିତି ଏକ ଫଳ ଯାହା ଭିତରେ ଏତେମାତ୍ରାରେ ଜଳ ଥାଏ। ଆଉ ଏଇ ଯେଉଁ ପାଣି ନଡ଼ିଆ ଭିତରେ ଥାଏ ତାହା ହେଉଛି ଗଛର ଏଣ୍ଡୋସ୍ପର୍ମ ଭାଗ। ନଡ଼ିଆ ଗଛ, ଜଳ ସଞ୍ଚୟ କରିବା ପାଇଁ ନିଜ ଫଳକୁ ବ୍ୟବହାର କରିଥାଏ। ଉକ୍ତ ଜଳ ବୃକ୍ଷର ଚେର ପ୍ରଣାଳୀ ଦ୍ୱାରା ଏକତ୍ର ହୋଇ ଉପରସ୍ଥ ଫଳର ଭିତର ପର୍ଯ୍ୟନ୍ତ ପହଞ୍ଚିଥାଏ। ଏହି ପାଣି ହେଉଛି ସାଧାରଣତଃ ଗଛର ଚେର ଦ୍ୱାରା ମାଟିରୁ ଅବଶୋଷିତ ହୋଇଥିବା ଭୂତଳ ଜଳ। ଏହି ଜଳ ପୋଷକ ତତ୍ତ୍ୱରେ ଭରପୂର। ଏହା ଜାଇଲେମ ନାମକ ଭାସ୍କୁଲାର ଟିସ୍ୟୁ ଦ୍ୱାରା ଚେରରୁ ଗଣ୍ଡି ଦେଇ ଫଳ ପର୍ଯ୍ୟନ୍ତ ପହଞ୍ଚିଥାଏ। ଏହି ପ୍ରକ୍ରିୟା ସମୟରେ ବୃକ୍ଷ ନିଜେ ଏହି ପାଣିକୁ ପ୍ରାକୃତିକ ରୂପରେ ଫିଲ୍ଟର କରିଥାଏ। ବିକଶିତ ହେଉଥିବା ନଡ଼ିଆ ପାଇଁ ଏହି ଜଳ ଏକ ଜରୁରୀ ପୋଷକ ତତ୍ତ୍ୱର କାମ କରିଥାଏ। ଏହି ଜଳରେ ଯେବେ ଏଣ୍ଡୋସ୍ପର୍ମ ମିଶେ ଏହା ବହଳିଆ ହୁଏ। ଯେବେ ନଡ଼ିଆ ସୁଖିବାକୁ ଲାଗେ ଭିତରର ପାଣି ବି ସୁଖିବାକୁ ଲାଗେ। ଆଉ ଏଣ୍ଡୋସ୍ପର୍ମ କଠିନ ହୋଇ ନଡ଼ିଆର ଶକ୍ତ ଧଳାଭାଗରେ ରୂପାନ୍ତରିତ ହୋଇଯାଏ। ଯାହାକୁ କି ଖିଆ ଯାଇଥାଏ। ପଇଡ଼ରେ ଯେଉଁ ଏଣ୍ଡୋସ୍ପର୍ମ ଥାଏ ତାହା ନ୍ୟୁକ୍ଲିୟର ଟାଇପର୍ ହେଇଥାଏ। ପ୍ରଥମେ ରଙ୍ଗହୀନ ତରଳ ରୂପରେ ଥାଏ। ପରବର୍ତ୍ତୀ ସ୍ଥିତିରେ ଏହା ଏଣ୍ଡୋସ୍ପର୍ମ ସହ ମିଶି ନଡ଼ିଆର ଭିତର ଭାଗରେ ଧଳାରଙ୍ଗରେ ଜମା ହେବାକୁ ଲାଗେ।

**ପଇଡ଼ ପାଣି ମିଠା କାହିଁକି:** ନଡ଼ିଆ ପାଣିର ମିଠା ସ୍ୱାଦ, ସେଥିରେ ପ୍ରାକୃତିକ ରୂପରେ ମହଜୁଦ ଥିବା ଶର୍କରା କାରଣରୁ ହୋଇଥାଏ। ଏଥିରେ କୌଣସି କୃତ୍ରିମ ଚିନି ମିଶି ନ ଥାଏ। ବରଂ ବୃକ୍ଷଦ୍ୱାରା ଅବଶୋଷିତ ପୋଷକ ତତ୍ତ୍ୱ କାରଣରୁ ତିଆରି ହୋଇଥାଏ। ନଡ଼ିଆ ପାଣିରେ ମିଠାର ମାତ୍ରା ପ୍ରାୟ ୨.୫ ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ଯାହାକି ପଇଡ଼କୁ ନା କେବଳ ସ୍ୱାଦିଷ୍ଟ ବରଂ ତାଜା ଓ ପୌଷ୍ଟିକ ତତ୍ତ୍ୱରେ ଭରା ପ୍ରାକୃତିକ ପେୟ କରାଇଥାଏ। ଏହାବାଦ ଏହି ଜଳରେ ଇଲେକ୍ଟ୍ରୋଲାଇଟ୍ସ ଓ ଆଣ୍ଟିଅକ୍ସିଡାଣ୍ଟସ୍ ବି ଭରି ରହିଥାଏ, ଯାହାକି ତୁରନ୍ତ ଉର୍ଜା ବଢ଼ାଇଦିଏ। ଏହା ଥକ୍କାପଣ ଓ ଡିହାଇଡ୍ରେସନ୍ ଦୂର କରେ।

ନଡ଼ିଆ ହେଉଛି ମାଳଦ୍ୱୀପର ଜାତୀୟ ଫଳ। ଏହି ଫଳ ଖାସ୍‌କରି ଦ୍ୱୀପ ଦେଶର ସଂସ୍କୃତି ଓ ଅର୍ଥ ବ୍ୟବସ୍ଥାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ନଡ଼ିଆ ମାଳଦ୍ୱୀପର ରାଷ୍ଟ୍ରୀୟ ପ୍ରତୀକ ବି, ଯାହାକି ଏଠାକାର ଲୋକଙ୍କ ଜୀବନରେ ଏହାର ମହତ୍ତ୍ୱକୁ ଦର୍ଶାଇଥାଏ। ଏହାବାଦ ଇଣ୍ଡୋନେସିଆ, ଫିଲିପିନ୍ସ ଓ ଭାରତ ହେଉଛି ପୃଥିବୀର ସବୁଠୁ ବଡ଼ ନଡ଼ିଆ ଉତ୍ପାଦନକାରୀ ଦେଶ।

ଭାରତରେ ନଡିଆର ଧାର୍ମିକ, ସାମାଜିକ ଓ ଆର୍ଥିକ ମହତ୍ତ୍ୱ ବହୁତ ଗଭିର। ଏହାକୁ ସାଧାରଣତଃ 'ଶ୍ରୀଫଳ' ବୋଲି କୁହାଯାଏ। ବିଶ୍ୱାସ ରହିଛି ଯେ, ନଡ଼ିଆ ପବିତ୍ରତା, ସମୃଦ୍ଧି ଓ ଶୁଦ୍ଧତାର ପ୍ରତୀକ। ଏଥିପାଇଁ ପୂଜାପାଠ, ବିବାହ ଅବା କୌଣସି ନୂତନ କାର୍ଯ୍ୟର ଆରମ୍ଭରେ ଏହାର ବ୍ୟବହାର ହୁଏ। ଏହା ସହ ନଡ଼ିଆ ସୁସ୍ୱାସ୍ଥ୍ୟ ଓ ଜୀବିକା ନିର୍ବାହ ଉଭୟ ପାଇଁ ଉପଯୋଗୀ।





# ପାଣିତଳେ ଭାଇଭଉଣୀଙ୍କ ନୃତ୍ୟ

ଥରାଗାଇ ଆରାଧନା ଏବଂ ଅଶ୍ୱିନ ବାଲା ଦୁହେଁ ସମ୍ପର୍କରେ ଭାଇଭଉଣୀ। ଜଣକ ବୟସ ୧୧ ଓ ଅନ୍ୟ ଜଣକର ୧୪ ବର୍ଷ। ଏତେ କମ୍ ବୟସରେ ଏଇ ଭାଇଭଉଣୀ ଏମିତି କାମ କରି ଦେଖାଇଛନ୍ତି ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ରାମେଶ୍ୱରମ ନିକଟସ୍ଥ ବଙ୍ଗୋପସାଗରର ୨୦ ଫୁଟ ଗଭୀରତାରେ ଦୁହେଁ ଚମତ୍କାର ଭାରତନାଟ୍ୟମ ନୃତ୍ୟ ପ୍ରଦର୍ଶନ କରିଥିଲେ। ସମୁଦ୍ର ଗର୍ଭକୁ ସେମାନେ ମଞ୍ଚରେ ପରିଣତ କରିଥିଲେ। ପାରମ୍ପରିକ ପୋଷାକ ପିନ୍ଧି ପାଣି ଭିତରେ ଭାରତନାଟ୍ୟମ ପ୍ରଦର୍ଶନ କରିଥିଲେ ; ଯାହାକି କଳା, ସାହସ ଏବଂ ଭକ୍ତିର ଥିଲା ଅପୂର୍ବ ମିଶ୍ରଣ। ସମୁଦ୍ର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ସାମୁଦ୍ରିକ ପ୍ରଦୂଷଣ ବନ୍ଦ କରିବାର ଆବଶ୍ୟକତାକୁ ସର୍ବସମ୍ମୁଖକୁ ଆଣିବା, ସମସ୍ତଙ୍କ ମନରେ ଏଥିପ୍ରତି ସଚେତନତା ସୃଷ୍ଟିକରିବା ଥିଲା ଏଭଳି ଅଭିନବ ଉପାୟ ଅବଲମ୍ବନ କରିବାର ଉଦ୍ଦେଶ୍ୟ। ଅକ୍ଟୋବର ୨୦୨୫ ରେ ଏହି ସାହସୀ ୨ ଭାଇଭଉଣୀ ଏଭଳି ଦୁଃସାହସିକ ପଦକ୍ଷେପ ନେଇଥିଲେ। ତେବେ ଏହା ପୂର୍ବରୁ ଦୁହେଁ କେମିତି ନିଃଶ୍ୱାସ ବନ୍ଦକରି ଗଭୀର ଜଳ ଭିତରେ ନୃତ୍ୟ ପରିବେଷଣ କରିପାରିବେ ଜଣେ ସ୍କୁବା ଡାଇଭରଙ୍କଠାରୁ ତାଲିମ ନେଇଥିଲେ।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

### ଦେବତା, ଭଗବାନ ଓ ଈଶ୍ୱର ( ଭାଗ –୧୯ )

# ଈଶ୍ୱର ଅଛନ୍ତି ସତ୍ୟ କିନ୍ତୁ...

**ଭା**ଇ ! ଆଉ ଖବର କ'ଣ ? କୌଣସି ଏକ ମାମଲାରେ କୋର୍ଟରୁ ଫେରୁଥିବା ଜଣେ ବନ୍ଧୁଙ୍କ ସହ ବାଟରେ ଭେଟ ହୋଇଯିବାରୁ ଉପରୋକ୍ତ ପ୍ରଶ୍ନର ଉତ୍ତରରେ ବେଶ୍ ମୁହଁ ଶୁଖାଇ କହିଲେ, ସାର୍! ଯୁଗଟା ବଦଳି ଗଲାଣି । ଯୁଗର ବିଭିନ୍ନ ଚିତ୍ର ବିଚିତ୍ରକୁ ଦେଖି ମନଟା ବିଶେଇ ଗଲାଣି । ଜମି ମୋର । ମୋ ନାଁରେ କାଗଜପତ୍ର ଥାଇ ମୁଁ ସେ ଜମିକୁ ଅକ୍ତିଆର କରିପାରୁନି । ମୋ ଜମିକୁ ଲାଗିଥିବା ପାଖ ଜାଗାର ଲୋକଟି ବେଶ୍ ଧନୀ ହୋଇଥିବାରୁ ମୋ ଜାଗାଟି ଏବେ ତା' କବ୍‌ଜାରେ । ଜାଗାକୁ ମୁକୁଳାଇବା ପାଇଁ ଥାନା, କୋର୍ଟକଚେରି ସବୁଆଡୁ ମୁଁ ନିରାଶ ହେଲିଣି । ଯୁଗଟି ଏତେ ଶୀଘ୍ର ବଦଳିଯିବ ବୋଲି ମୁଁ ଆଶା କରି ନ ଥିଲି । ବନ୍ଧୁଙ୍କ ବିଷର୍ଣ୍ଣ ଚେହେରାରେ ସାମାନ୍ୟ ଟିକେ ତେଜ ଏବଂ ଭାଙ୍ଗିଯାଇଥିବା ମନରେ ଟିକେ ମଲମ ବୋଳିଦେବା ଉଦ୍ଦେଶ୍ୟରେ କହିଥିଲି– ଭାଇ ! ଗୋଟିଏ ସୁନ୍ଦର ବାକ୍ୟଟିଏ ଆମେ ସମସ୍ତେ ପିଲାବେଳୁ ଶୁଣି ଆସିଛେ । ବାକ୍ୟ ତ ନୁହେଁ, ତା' ହେଉଛି ଜୀବନର ମହାକାବ୍ୟ । ତାହା ହେଉଛି– ଈଶ୍ୱରଙ୍କ ବିନା ଇଚ୍ଛାରେ ଦୂବଘାସରେ ପତ୍ରଟିଏ ବି ହଲିପାରେ ନାହିଁ । ଯଦି ଏହା ସତ୍ୟ, ତେବେ ଆପଣ ଆଉ ଚିନ୍ତା କରୁଛନ୍ତି କାହିଁକି ? ଆପଣଙ୍କ ଜମିକୁ ଯଦି ଅନ୍ୟ ଲୋକଟିଏ ଧନ, ଜନ ଓ କ୍ଷମତା ବଳ ପ୍ରୟୋଗ କରି ମାଡି ବସିଛି, ଆପଣ ତ ଚୁପ ହୋଇ ବସି ନାହାନ୍ତି । ଆପଣ ବି ତ ଲଢୁଛନ୍ତି ନା । ଲଢ଼ିବା ଜାରି ରଖନ୍ତୁ । ହତୋତ୍ସାହିତ ହୁଅନ୍ତୁ ନାହିଁ । ଜାଗାଟିକୁ ଆପଣ କିମ୍ବା ଆପଣଙ୍କ ପୂର୍ବଜ ଯଦି ସତ୍ ଉପାୟରେ କରିଥିବେ ତେବେ ତାହା ଆପଣଙ୍କର ହୋଇ ରହିବ । ରାସ୍ତା ପାର୍ଶ୍ୱ ଜମି ବୋଲି ଲୋଭରେ ଯଦି ପଡ଼ୋଶୀ ଜମି ମାଲିକ ସବୁଠି ପଇସା ପକାଇ ଧର୍ମକୁ ଆଖିଠାର ମାରୁଥାଏ ତେବେ ସେ ନିଶ୍ଚେ ଦଣ୍ଡ ପାଇବ । ମଣିଷ ଏଇଠି ଗୋଟେ ଭୁଲ୍ କରି ବସେ । ମଣିଷ ଯଦି ଭାବି ବସିବ ଯେ ହଁ, ଈଶ୍ୱରଙ୍କ ଇଚ୍ଛାରେ ତ ସବୁ ହେଉଛି । ତେଣୁ ସେ ଧନୀ ଲୋକଟି ଯଦି ଜମିକୁ ମାଡି ବସୁଛି ତେବେ ମାଡ଼ିବସୁ । ପ୍ରତିରୋଧ ଆଉ କାହିଁକି କରିବି ? ଅନେକ ଲୋକ ଉପରୋକ୍ତ ମହାବାକ୍ୟର ଏଇୟା ହିଁ ଅର୍ଥ ବାହାର କରିବସନ୍ତି । ନା, ଏହା ଭୁଲ୍ । ଈଶ୍ୱର ବା ପରମାତ୍ମା ଯାହା ବି କୁହନ୍ତୁ, ସେ ଆମ ଭିତରେ ନୀରବରେ ବସି କେଉଁ ଗୋଟିକ ପାପ, କେଉଁ ଗୋଟିକ ପୁଣ୍ୟ– ଏ ସବୁକୁ ପ୍ରତି ମୁହୂର୍ତ୍ତରେ ଚେତାଇ ଦେଉଥାନ୍ତି । ଯେଉଁମାନେ ଅନୁଭବୀ ସେମାନେ ଏ କଥାର ଗୁରୁତ୍ୱକୁ ବୁଝି ପାରିବେ । ଅନୁଭବହୀନ ବ୍ୟକ୍ତି କେବଳ ତର୍କରେ ପ୍ରବୃତ୍ତ ପୂର୍ବକ ଧନ ଆଉ କ୍ଷମତାରେ ମଦମତ୍ତ ହୋଇ କ୍ରୋଧ, ଲୋଭ, କାମନା, ପ୍ରତିଶୋଧର ବଶବର୍ତ୍ତୀ ହୋଇ ନିଜ ରାସ୍ତା ନିଜେ ବାଛି ନିଅନ୍ତି । ତା'ର ଫଳ ଶେଷରେ ତାଙ୍କୁ ହିଁ ଭୋଗିବାକୁ ପଡ଼େ । ଜଣେ ଅପରାଧୀ ଯଦି ଅନ୍ୟ ଜଣଙ୍କୁ ହତ୍ୟା କରେ, ତେବେ ଅନେକ କୁହନ୍ତି ଈଶ୍ୱର ସେ ଅପରାଧୀକୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଲେ ବୋଲି ସିନା ସେ ମଣିଷ ମାରିବାକୁ ଉଦ୍ୟତ ହେଲା ? ଯଦି ଈଶ୍ୱର ନିର୍ଦ୍ଦେଶ ଦେଲେ, ତେବେ ସେ ତ ଜେଲ ଯିବା କଥା ? ଅପରାଧୀ ଜଣକ କାହିଁକି ଜେଲ ଯାଉଛି ? ତା' ମାନେ ଜଣେ ଅତ୍ୟଧିକ ଖାଇବ, ଆଉ ଜଣେ ତା' ଲାଗି ବାନ୍ତି କରିବ ? ଏହାକୁ ଲକ୍ଷ୍ୟ କରି କିଛି ବ୍ୟକ୍ତି ବା ଧର୍ମ ସଂସ୍ଥା ଈଶ୍ୱର ସର୍ବବ୍ୟାପୀ ନୁହନ୍ତି ବୋଲି କହି ସାଧାରଣ ଲୋକଙ୍କୁ ଭ୍ରମିତ କରାଉଥିବାର ଲକ୍ଷ୍ୟ କରାଯାଏ । ମଣିଷ ତା ଖୁସି ଅନୁସାରେ ଅନ୍ୟାୟ, ଅନୀତି, ଟାଉଟରି, ଧପାବାଜି, ଚାଲାକି, ହତ୍ୟା, ଅପରାଧ, ବଳାତ୍କାର ଆଦି ନାରକୀୟ କାଣ୍ଡରେ ରତ ରହିବ, ଏଣେ ଦୋଷ ଠେଲିଦେବ ଈଶ୍ୱରଙ୍କ ଉପରକୁ । କ'ଣ ନା ଈଶ୍ୱର ପରା ମୋତେ କହିଲେ ତୁ ଏ ସବୁ କାମ କର ବୋଲି । ଏଗୁଡିକ ସବୁ ହେଲା ଦୁର୍ଯ୍ୟୋଧନିଆ କଥା । ମୁଁ ମୋ ଭାଷାରେ ଏଭଳି କଥାକୁ 'ଦୁର୍ଯ୍ୟୋଧନିଆ କଥା' ବୋଲି ନାଁ ଦେଇଛି । ଦିନେ ବେଳକାଳ ଉଣ୍ଡି ଭଗବାନ ଶ୍ରୀକୃଷ୍ଣ ତାକୁ ପଚାରିଲେ– ଆଚ୍ଛା ଭ୍ରାତା ଦୁର୍ଯ୍ୟୋଧନ ! ଭାରି ସଭାରେ ଦ୍ରୌପଦୀର ବସ୍ତ୍ର ହରଣ କାହିଁକି କଲେ । ଜତୁ ଘରେ ନିଆଁ ଲଗାଇବା ପରି ହିଂସୁକୁଟିଆ କାମ କାହିଁକି କଲେ । ଭୀମଟାକୁ ବିଷ ଲଡୁ ଖୁଆଇ ଦେବା ପରି ଅନ୍ୟାୟ କାର୍ଯ୍ୟମାନ କାହିଁକି କରୁଛନ୍ତି ? ଆପଣମାନେ ଦେଖନ୍ତୁ ପାଠକେ ! ଯଦି ଭଗବାନ ସବୁକିଛି କରାଉଥାନ୍ତେ ତେବେ ଶ୍ରୀକୃଷ୍ଣ କାହିଁକି ଏ ପ୍ରଶ୍ନ ପଚାରିବାକୁ ଯାଇଥାନ୍ତେ ? ଦୁର୍ଯ୍ୟୋଧନ ତ ପରମ ଚାଲାକ । ଏ ଧରଣର ଲୋକେ ତ ସବୁବେଳେ ନିଜେ ପଣସ ଖାଇ ଅଠା ପୋଛିବାକୁ ଅନ୍ୟମାନଙ୍କର ମୁଣ୍ଡକୁ ଦରାଣ୍ଡୁ ଥିବେ । ନିଜର ଅଇଁଠା ହାତକୁ ପର ଗାମୁଛାରେ ପୋଛିବା ପାଇଁ ଟାକି ବସିଥିବେ । ଶ୍ରୀକୃଷ୍ଣଙ୍କ ପ୍ରଶ୍ନ ଶୁଣି ଦୁର୍ଯ୍ୟୋଧନ ଉତ୍ତର ଦେଲା – ମୁଁ ସେ ସବୁ ଅନ୍ୟାୟ କାର୍ଯ୍ୟ କରିଛି ନା କ'ଣ ? ତା'ହେଲେ, ଆଉ କିଏ କରୁଛି ?– ଶ୍ରୀକୃଷ୍ଣ ଆଶ୍ଚର୍ଯ୍ୟର ସହ ପଚାରିଲେ । କ'ଣ ଶଙ୍କୁନୀ ମାମାର କଥାରେ କରୁଛ ? ଦାନ୍ତ ବତିଶକୁ ଦେଖାଇ ଦୁର୍ଯ୍ୟୋଧନ କହିଲା– ମୁଁ ଧର୍ମ କ'ଣ ଜାଣେନି... ମୁଁ ଅଧର୍ମ କ'ଣ ଜାଣେନି... ମୁଁ ଗୋଟା ସୁଦ୍ଧା ତୁଳସୀ । ତ୍ୱୟା ହୃଷୀକେଶ ହୃଦେ ସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି । ତୁମେ ମୋ ହୃଦୟରେ ରହି ଯାହା ନିର୍ଦ୍ଦେଶ ଦେଉଛ, ତାହା ହିଁ ମୁଁ କରୁଛି । ଭଗବାନ କହିଲେ– ବାଃ... ରେ ବେଟା... ବାଃ । ଧର୍ମଶାସ୍ତ୍ରକୁ ତୁମେ ବଢିଆ ବୁଝିଛ ।



ପାଠକେ ! ଆଉ ଗୋଟିଏ କଥା ଲକ୍ଷ୍ୟ କରନ୍ତୁ । ଭଗବାନଙ୍କୁ ପାଇବା ପାଇଁ ସାଧକଟିଏ କେତେ କଷ୍ଟ କରେ । ଭଗବାନଙ୍କୁ ଦର୍ଶନ କଲେ କୋଟି ଜନ୍ମର ପାପ ଭସ୍ମ ହୋଇଯାଏ । ଜୀବର ଉଦ୍ଧାର ହୋଇଯାଏ । ଜୀବ ଶାଶ୍ୱତ ସୁଖ, ଶାନ୍ତି ଓ ଆନନ୍ଦ ଲାଭ କରେ । କିନ୍ତୁ ଏଠି ଦୁର୍ଯ୍ୟୋଧନ ସାକ୍ଷାତ୍‌ରେ ଶ୍ରୀକୃଷ୍ଣଙ୍କୁ ଦେଖୁଛି । ରାବଣ ବି ସାକ୍ଷାତରେ ଦେଖୁଥିଲା ରାମାୟଣରେ । କିନ୍ତୁ ପରିବର୍ତ୍ତନ କିଛି ନାହିଁ । ରାବଣାଦି ରାକ୍ଷସ ବା ଦୁର୍ଯ୍ୟୋଧନାଦି ଲୋକମାନଙ୍କୁ ଦେଖି ଆମେ କ'ଣ ଭଗବାନଙ୍କ ସାକ୍ଷାତ ଦର୍ଶନର କିଛି ମୂଲ୍ୟ ନାହିଁ ବୋଲି କହି ପାରିବା କି ?

ଯଦି ଈଶ୍ୱର ସବୁକିଛିର କର୍ତ୍ତା, ତେବେ ସଂସାରରେ ଗୀତା, ଭାଗବତ, ଶାସ୍ତ୍ର ପୁରାଣ, ସାଧୁ ସନ୍ଥ ଓ ଗୁରୁବର୍ଗଙ୍କର ଆଉ ଆଦୌ ଆବଶ୍ୟକତା ପଡ଼ନ୍ତା ନାହିଁ । ଶ୍ରୀମଦ୍ ଭଗବଦ୍ ଗୀତା କହିଲେ– ଈଶ୍ୱରଃ ସର୍ବଭୂତାନାମ୍ ହୃଦେଶୋର୍ଜ୍ଜୁନ ତିଷ୍ଠତି..ଈଶ୍ୱର ସର୍ବଭୂତରେ ଅଛନ୍ତି । ସବୁଠି ଅଛନ୍ତି । ମଣିଷର ହୃଦୟରେ ଅଛନ୍ତି । ମଣିଷର ହୃଦୟରେ ଥାଇ ସେ ଯଦି ମଣିଷକୁ ସବୁକିଛି ନିର୍ଦ୍ଦେଶ ଦେଉଛନ୍ତି, ତେବେ ଆମେ ଆଉ କାହିଁକି ଶାସ୍ତ୍ର ପୁରାଣ ପଢ଼ିବା ? ସତ୍‌ସଙ୍ଗ ପ୍ରବଚନରେ କାହିଁକି ବସିବା ? ମଙ୍ଗଳମୟ ଈଶ୍ୱର ତ ଯାହା ନିର୍ଦ୍ଦେଶ ଦେବେ ତାହା ନିଶ୍ଚେ ପ୍ରାଣୀ ବା ସଂସାରର ହିତ ପାଇଁ ନିର୍ଧାର୍ଯ୍ୟ ହେବ ? ତାହା ତ ନିଶ୍ଚେ ସୃଷ୍ଟି ପାଇଁ ମଙ୍ଗଳକର ସାବ୍ୟସ୍ତ ହେବ ?

କିନ୍ତୁ ନା, ସେମିତି ହୁଏନି । ଈଶ୍ୱର ପ୍ରତିଟି ମାନବ ଭିତରେ ଅଛନ୍ତି । ଏହା ସତ୍ୟ । ପ୍ରତି ମୁହୂର୍ତ୍ତରେ ସେ ଆମକୁ ଦିବ୍ୟ ନିର୍ଦ୍ଦେଶ ପ୍ରଦାନ କରୁଛନ୍ତି । ଏହା ବି ସତ୍ୟ । କିନ୍ତୁ ମାନିଲେ ତ ହେବ । ମୁଁ ଆପଣଙ୍କୁ କହିବି, ବାବୁରେ ! ଏ ରାସ୍ତାରେ ଯାଅନି । ଆଗରେ ଅସୁବିଧା ଅଛ । ସେ ବାଟରେ ବୁଲିକି ଟିକେ ପଳାଅ । କିଛି ଅସୁବିଧା ହେବନି । ଆପଣ ଯଦି ମୋ କଥାକୁ ନ ମାନିବେ ତେବେ ଅସୁବିଧାରେ ପଡି ଖଣ୍ଡିଆଖାବରା ହେବେ । ଆପଣଙ୍କ ଶରୀର ଜଖମ ବା ରକ୍ତ ବୋହିଲେ ଆପଣ ମୋତେ ଦାୟୀ କରି ପାରିବେ କି ? ଖରାପ ରାସ୍ତାରେ ଯାଇ ଆପଣଙ୍କ ଆଣ୍ଠୁ ଗଣ୍ଠି ଭାଙ୍ଗିଗଲେ ଥାନାରେ ଆପଣ ମୋ ନାଁରେ କେସ୍ କରିପାରିବେ କି ? ଆଦୌ ନୁହେଁ । କାରଣ ମୁଁ ତ ସେ ବାଟରେ ଯିବା ପାଇଁ ବାରଣ କରୁଥିଲି । ଆପଣ ନିଜ ମନମାନିରେ କାମ କଲେ । ତେଣୁ ଫଳ ଭୋଗିବେ ଆପଣ । ମୋ କଥା ମାନି ଅନ୍ୟ ରାସ୍ତାରେ ଯାଇଥିଲେ ଆପଣ ଭଲରେ ଯାଇଥାନ୍ତେ । ହଁ, ସେତେବେଳେ ଆପଣ ମନେ ମନେ ମୋତେ ଧନ୍ୟବାଦ ଦେଇଥାନ୍ତେ । କିନ୍ତୁ ମନେ ରଖନ୍ତୁ, ଆପଣ ଖରାପ ରାସ୍ତାରେ ଯାଇ ଖଣ୍ଡିଆ ଖାବରା ହେଲେ ସେଥିପାଇଁ ମୁଁ ଯେମିତି ଦାୟୀ ନୁହଁ, ଭଲ ବାଟରେ ଯାଇ ମୋତେ ଧନ୍ୟବାଦ ଦେଲେ ବି ମୁଁ ସେଥିରେ ଆଦୌ ଭାଗୀଦାରି ନୁହେଁ । ଆପଣଙ୍କ ଭଲ ଏବଂ ମନ୍ଦର ପରିସ୍ଥିତିରେ ମୋର ଏକ ଛଟାଙ୍କର ନେଣଦେଣ ନାହିଁ । ମୁଁ କେବଳ ଭଲ ଆଉ ମନ୍ଦ ରାସ୍ତାଟି ଚେତାଇ ଦେଇଥିଲି ଯାହା । ମାନିବା ନ ମାନିବା ନିର୍ଭର କରେ ଆପଣଙ୍କ ମାନସିକତା ଉପରେ ।

ଏଇ ମାନସିକତାକୁ ଠିକ୍ ଢଙ୍ଗରେ... ଧାର୍ମିକ ରାସ୍ତାରେ ନେବା ପାଇଁ ହିଁ ଶାସ୍ତ୍ରପୁରାଣର ସୃଷ୍ଟି । ଶାସ୍ତ୍ରପୁରାଣଗୁଡିକ ଅଧାର୍ମିକ କାମ କରିବା ପାଇଁ କେବେ ବି ନିର୍ଦ୍ଦେଶ ଦିଅନ୍ତିନି । ମଣିଷ ମାରିଲେ ସ୍ୱର୍ଗରେ ବସିବ ବୋଲି କେତେକ ମତ୍ତାନ୍ଧ ବ୍ୟକ୍ତି ନିଜ ଧର୍ମଗ୍ରନ୍ଥର ବାକ୍ୟ ବୋଲି କହି ଦଙ୍ଗା, ସନ୍ତ୍ରାସବାଦ, ବିସ୍ଫୋରଣ, ଆତ୍ମଘାତି ଆଦି ବହୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ଯଦି ସେଭଳି କିଛି ବାକ୍ୟ ସତରେ କେଉଁ ପୁସ୍ତକରେ ଲେଖା ହୋଇଥାଏ, ତେବେ ତାକୁ ଦୂରକୁ ଫୋପାଡ଼ିଦେବା ଦରକାର । ମଣିଷ ସମାଜର ହିତ ପାଇଁ ଶାସ୍ତ୍ରର ସୃଷ୍ଟି । ସାଧାରଣ ନିରୀହ ମଣିଷଙ୍କୁ ମାରିବା ପାଇଁ ନୁହେଁ । ମଣିଷର ମଙ୍ଗଳ ପାଇଁ ସାଧୁସନ୍ଥ, ଗୁରୁ, ଜଗଦ୍‌ଗୁରୁ ଆଦିଙ୍କ ଲୀଳାଖେଳା ଏ ସଂସାରରେ ।

ହେ ମଣିଷ ! ନିଜ ଭିତରୁ ଆସୁଥିବା ଈଶ୍ୱର ନିର୍ଦ୍ଦେଶକୁ ଗ୍ରହଣ କର । ଯଦି ସେ ଦୈବବାଣୀକୁ ଶୁଣିପାରୁ ନାହଁ, ତେବେ ଶାସ୍ତ୍ର ପୁରାଣ ଓ ସାଧୁସନ୍ଥଙ୍କ ବାଣୀକୁ ମାନ । ତେବେ ଯାଇ ଠିକ୍ ରାସ୍ତାରେ ଯାଇ ପାରିବ । ମନମୁଖି ନ ହୋଇ ଗୁରୁମୁଖି ହୁଅ ।

*–ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ ( ଆଧ୍ୟାତ୍ମିକ ପତ୍ରିକା),*
*ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ: ୯୪୩୭୨୯୨୬୯୯*

---

## ପୁସ୍ତକ ସମୀକ୍ଷା

### ନୀରବତାର ରାଗିଣୀ

**ଲେଖିକା: ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟ**

**ପ୍ରକାଶକ: ସୁଲଭ ପ୍ରକାଶନୀ, ବଳଗଣ୍ଡି, ପୁରୀ, ମୂଲ୍ୟ: ୧୨୦ଟଙ୍କା**

**ନୀ**ରବତାର ରାଗିଣୀ ହେଉଛି ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟଙ୍କର ପ୍ରଥମ ଗଳ୍ପ ସଂକଳନ । ସମାଜରେ ଘଟୁଥିବା ନିତିଦିନିଆ ଘଟଣାକୁ ବେଶ୍ ସୁନ୍ଦର ଭାବରେ ବିଶ୍ଳେଷଣ କରିଛନ୍ତି ଗପଗୁଡ଼ିକରେ । ସଂକଳନରେ ରହିଛି କେତୋଟି ରୋମାଣ୍ଟିକ୍ ଗପ ; ଯେଉଁଥିରେ ପ୍ରେମ, ଆବେଗ, ମିଳନ, ବିରହକୁ ସୁନ୍ଦର ଭାବରେ ଉପସ୍ଥାପିତ କରିଛନ୍ତି ଗାଳ୍ପିକା । ଜେନେରେଶନ ଗ୍ୟାପ୍ ଆଜିକା ପାରିବାରିକ ସମ୍ପର୍କରେ ଯେମିତି ପାଚେରି ହୋଇ ଛିଡ଼ା ହୋଇଛି । ଆଚାର, ବିଚାର ସବୁଥିରେ ଅମେଳ । ସମ୍ପର୍କକୁ ଆଉ ବାନ୍ଧି ରଖିପାରୁନି । 'ଛାଇ ଆଲୁଅ' ଗଳ୍ପରେ ସେହି ସ୍ୱଚ୍ଛ ବିଚାରଧାରା ଅଧିକ ସ୍ପଷ୍ଟ, 'ସତରେ କ'ଣ ? ଘାତ ପ୍ରତିଘାତ, ସୁଖଦୁଃଖକୁ ସାମ୍ନା କରି ବଞ୍ଚିବା ବି ଏକ କଳା' । 'ଅସମାହିତ ପ୍ରଶ୍ନ' ଗଳ୍ପରେ ଏହି ପ୍ରବୀଣ ଓ ନବୀନର ଚିରାଚରିତ ସଂଘର୍ଷକୁ ଖୁବ୍ ସୁନ୍ଦର ଭାବେ ରୂପ ଦେଇଛନ୍ତି ଗାଳ୍ପିକା । ଅଧିକାଂଶ ଗପରେ ପୁରୀର ପରିବେଶ ଓ ଚଳଣି ଦେଖିବାକୁ ମିଳେ । ତାଙ୍କର ଅଧିକାଂଶ ଗପର ଚରିତ୍ର ଓ ଘଟଣା ବିନ୍ୟାସ ଖୁବ୍ ବାସ୍ତବଧର୍ମୀ । ଆଉ ଜୀବନପ୍ରତି ତାଙ୍କର ଆଭିମୁଖ୍ୟ ବେଶ୍ ସ୍ପଷ୍ଟ । ପଢ଼ିଲେ ଲାଗେ ଗପଗୁଡ଼ିକର ଚରିତ୍ରକୁ ଗଭୀର ଭାବେ ଅନୁଧ୍ୟାନ କରିଛନ୍ତି ଗାଳ୍ପିକା । ସଂକଳନଟି ନିଶ୍ଚିତ ଭାବରେ ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା ।




### ସମାଲୋଚକ ଦୃଷ୍ଟିରେ ଓଡ଼ିଆ ଶିଶୁସାହିତ୍ୟ

**ଲେଖକ :ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ , ପ୍ରକାଶକ :କୋଣାର୍କ ପବ୍ଲିଶର୍ସ, ତୁଳସୀପୁର, କଟକ –୮, ମୂଲ୍ୟ :୩୫୦/–**

**ଉ**ନେଇଶିଟି ନାନାବିଧ ପ୍ରବନ୍ଧକୁ ନେଇ ଶିଶୁସାହିତ୍ୟର ଗବେଷକ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ''ସମାଲୋଚକ ଦୃଷ୍ଟିରେ ଓଡ଼ିଆ ଶିଶୁସାହିତ୍ୟ'' ପ୍ରବନ୍ଧ ପୁସ୍ତକଟିକୁ ରଚନା କରିଛନ୍ତି । ଏଥିରେ ଓଡ଼ିଆ ଶିଶୁ ସାହିତ୍ୟର ନାନାବିଧ ପ୍ରସଙ୍ଗକୁ ଆଲୋକପାତ କରାଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସମସ୍ତ ବହିର ଏକ ସମୀକ୍ଷାତ୍ମକ ଅଧ୍ୟୟନ ଏଥିରେ ସ୍ଥାନ ପାଇଛି । ଶିଶୁ ସାହିତ୍ୟ ଓ ଲୋକ ସାହିତ୍ୟ, ଶିଶୁ ସାହିତ୍ୟରେ ଚିତ୍ର, ଶିଶୁ ସାହିତ୍ୟରେ ହସ କଥା, ଶିଶୁ ସାହିତ୍ୟରେ ଅନୁବାଦ, ପିଲାଙ୍କ ସାହିତ୍ୟରେ ଗାନ୍ଧୀ, ପାଠ୍ୟ ପୁସ୍ତକରେ ଓଡ଼ିଆ ଶିଶୁ ସାହିତ୍ୟ, ଶିଶୁ ଜୀବନୀ ସାହିତ୍ୟର ବିକାଶଧାରା, ଶିଶୁ ଭ୍ରମଣ କାହାଣୀର ବିକାଶଧାରା ଆଦି ପ୍ରବନ୍ଧରେ ଲେଖକ ଖୁବ ସୁନ୍ଦର ଭାବେ ତଥ୍ୟ ଓ ତତ୍ତ୍ୱକୁ ସନ୍ନିବେଶ କରି ବହିଟିକୁ ଅତ୍ୟନ୍ତ ରୁଚିଶୀଳ କରାଇଛନ୍ତି । ଏତଦ୍‌ଭିନ୍ନ ଏଥିରେ ଠାକୁର ଅଭିରାମ ପରମ ହଂସଙ୍କ ରଚନାରେ ଶିଶୁସାହିତ୍ୟର ଉପାଦାନ, ରାମକୃଷ୍ଣ ନନ୍ଦଙ୍କ ଶିଶୁ ସାହିତ୍ୟ, ନଦିୟା ବିହାରୀ ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ ଏବଂ ରଜନୀରଞ୍ଜନଙ୍କ ଶିଶୁସାହିତ୍ୟର ମୂଲ୍ୟାୟନ ପୁସ୍ତକଟିର ମହତ୍ତ୍ୱ ବୃଦ୍ଧିରେ ସହାୟକ ହୋଇଛି । ଏହି ପୁସ୍ତକଟି ଶିଶୁ ସାହିତ୍ୟର ଗବେଷକ ତଥା ଶିଶୁସାହିତ୍ୟ ପ୍ରତି ରୁଚି ରଖିଥିବା ପାଠକ ପାଠିକାଙ୍କୁ ବହୁ ଭାବରେ ଆକର୍ଷିତ କରିବ ବୋଲି ଆଶା କରାଯାଏ ।



# ରୋବୋ ଚଳାଉଛି ୟୁନିସାଇକେଲ

ୟୁନିସାଇକେଲ ଚଳାଇବା ଭାରି କଷ୍ଟ। ଅନେକ ଅଭ୍ୟାସ ପରେ ଯାଇ ଏହାକୁ ଚଳାଇବା ସମ୍ଭବ ହୁଏ। ଏମିତିରେ ଏକ ରୋବୋ ୟୁନି ସାଇକେଲ ଚଳାଇ ଚର୍ଚ୍ଚାରେ ରହିଛି। ଜାପାନୀ ଇଲେକ୍ଟ୍ରୋନିକ୍ସ ପାର୍ଟସ ନିର୍ମାତା ମୁରାତା ଇଲେକ୍ଟ୍ରୋନିକ୍ସ, ‘ମୁରାତା–ସେଇକୋ–ଚାନ’ ନାମକ ଏହି ରୋବୋକୁ ତିଆରି କରିଛି। ରୋବୋଟି ଦେଖିବାକୁ ଏକ ଛୋଟିଆ ଝିଅ ଭଳି। ୫୦ ସେଣ୍ଟିମିଟର ଉଚ୍ଚ, ୫ କିଲୋଗ୍ରାମର ଏଇ ସେଇକୋ–ଚାନ୍ ରୋବୋରେ ସନ୍ତୁଳନ ବଜାୟ ରଖିବା ପାଇଁ ବିଭିନ୍ନ ସେନ୍ସର ଲାଗିଛି। ଯେମିତିକି ଏଥିରେ ଏକ ଯୋଡ଼ା ଜାଇରୋ ସେନ୍ସର ରହିଛି, ଯାହା ତା’ର ପୋଜିସନକୁ ଚିହ୍ନଟ କରିଥାଏ। ଅନ୍ୟ ସେନ୍ସର ଦ୍ୱାରା ରୋବୋ ଆଗକୁ ଏବଂ ପଛକୁ ଘୁଞ୍ଚିଥାଏ। ରୋବୋ ଛାତିରେ ଥିବା ଏକ ଘୂର୍ଣ୍ଣନକାରୀ ଫ୍ଲାଇହୁଇଲ ୟୁନିସାଇକେଲକୁ ବାମ ଏବଂ ଡାହାଣକୁ ଘୂରାଇବା ଏବଂ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ଏହାବାଦ ଏଥିରେ ଥିବା ଅଲ୍ଟ୍ରା ସୋନିକ ସେନ୍ସର ଆଗକୁ ଆସିବାକୁ ଥିବା ସମ୍ଭାବ୍ୟ ବାଧାଗୁଡ଼ିକୁ ଚିହ୍ନଟ କରିବା ସହ ତା’ର ମାପ କରିଥାଏ। ସେଇକୋ–ଚାନ୍‌ରେ ବିଲ୍ଟ–ଇନ୍ ବ୍ଲୁଟୁଥ୍ କ୍ଷମତା ବି ଅଛି। ତା’ସହ ଏକ କ୍ୟାମେରା ସଂଯୋଗ ହୋଇଛି, ଯାହାକି ଲାଇଭ ଭିଡିଓ ପ୍ରସାରଣ କରେ। ଶିଗା ପ୍ରଦେଶରେ ତିଆରି ହୋଇଥିବା ସେଇକୋ–ଚାନ୍ ଏମିତିରେ ତ ବହୁତ ସକ୍ରିୟ, ହେଲେ ଏହା ଖୁବ୍ ଲାଜୁଆ। ସେ ୟୁନିସାଇକେଲ ଅଭ୍ୟାସ କରିବାକୁ ବହୁତ ଭଲପାଏ।





ବ୍ୟାକ୍ ପେଜ୍



# ମହାକାଶରେ ବ୍ୟାଡ୍‌ମିଣ୍ଟନ ଖେଳ

ବ୍ୟାଡ୍‌ମିଣ୍ଟନ ଖେଳିବାକୁ ଅନେକେ ପସନ୍ଦ କରନ୍ତି। ଏହାକୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ବି କରନ୍ତି। ହେଲେ ଜାଣନ୍ତି କି ଏମିତି ବି ଏକ ଅଜବ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯାହା ସମ୍ପର୍କରେ ନା କେହି କେବେ ଆଗରୁ ଶୁଣିଥିଲେ ନା କେବେ ଦେଖିଥିଲେ। କଥା କ’ଣ କି ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଭୂମିରେ ନ ହୋଇ ହୋଇଥିଲା ମହାକାଶରେ।

ଯେଉଁଥିରେ ଅଂଶ ଗ୍ରହଣ କରିଥିଲେ ଆମେରିକାର ନାସା, ଜାପାନର ଜାକ୍ସା ଏବଂ ରୁଷିଆର ରୋସ୍କୋସ୍ମୋସ୍‌ର ମହାକାଶଚାରୀମାନେ। ଏହି ମହାକାଶଚାରୀମାନେ ଅନ୍ତର୍ଜାତୀୟ ସ୍ପେସ୍‌ଷ୍ଟେଶନ ଭିତରେ ବ୍ୟାଡ୍‌ମିଣ୍ଟନ ଖେଳିଥିଲେ। ନାସାର ଯୋଶେଫ୍ ଆକବା, ଜାକ୍ସାର ନୋରିସିଜ୍ କନାଇ ଏବଂ ରୁଷିଆର ଆଲେକ୍‌ଜାଣ୍ଡାର ମିସୁର୍କିନ୍ ଓ ଆଣ୍ଟୋନ ସ୍କାପ୍‌ଲେରୋଭ ଏହି ମହାକାଶୀୟ ବ୍ୟାଡ୍‌ମିଣ୍ଟନ୍ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଆଉ ଖେଳିଥିଲେ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଗେମ୍। ମହାକାଶର ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତିରେ ଭାସମାନ ଅବସ୍ଥାରେ ଖେଳିବା ଏତେଟା ସହଜ ନ ଥିଲା। ନିଜ ଶରୀରକୁ ଆୟତ୍ତରେ ରଖିବା ସହ ଭାସମାନ ବଲ୍‌କୁ ମାରିବାବେଳେ ଅନେକ କଷ୍ଟ କରିବାକୁ ପଡୁଥିଲା। ହେଲେ ମହାକାଶଚାରୀଙ୍କ ପାଇଁ ଏହି ମ୍ୟାଚ୍‌ର ଅନୁଭୂତି ଥିଲା ବେଶ୍ ନିଆରା। ତା’ ସହ ଏହା ଥିଲା ମହାକାଶରେ ଆୟୋଜିତ ହୋଇଥିବା ପ୍ରଥମ ମ୍ୟାଚ୍। ତେଣୁ ଏଥିରେ ହାର୍ ଜିତ୍ ନ ଥିଲା। ସମସ୍ତଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।





# ଚୋର ଧରା ଚଷମା

ରାସ୍ତାରେ ଅନେକ ଲୋକ ଯା’ଆସ କରନ୍ତି। ତା’ ମଧ୍ୟରେ କିଏ ଭଲ, କିଏ ଖରାପ ଓ କିଏ ଅପରାଧୀ ଜାଣିବା କଷ୍ଟକର। ହେଲେ ଏବେ ଏମିତି ଏକ ଗ୍ୟାଜେଟ୍ ଆସିଛି ଯାହା ସାହାଯ୍ୟରେ ରାସ୍ତାଘାଟରେ ଯାଉଥିବା ବ୍ୟକ୍ତିଙ୍କ ଭିତରେ କିଏ ଅପରାଧୀ ସହଜରେ ଜାଣିହେବ। ଉକ୍ତ ଗ୍ୟାଜେଟ୍‌ଟି ହେଉଛି ଏକ ଚଷମା, ଯାହାକୁ ଚାଇନାର ପୋଲିସ କର୍ମଚାରୀ ବ୍ୟବହାରକରିବା ଆରମ୍ଭ କରିଦେଇଛି। ଫଳରେ ଏହା ତାଙ୍କୁ ଅପରାଧୀ ଚିହ୍ନଟ କରାଇବାରେ ବେଶ୍ ସାହାଯ୍ୟ କରୁଛି। କଥା କ’ଣ କି ଏଥିରେ ବ୍ୟବହାର କରାଯାଇଛି ଫେସ୍ ରିକଗ୍‌ନିଶନ ଟେକ୍ନୋଲୋଜି। ଫଳରେ ପୋଲିସ ଯେକୌଣସି ସନ୍ଦିଗ୍ଧ ବା ଅପରାଧୀଙ୍କୁ ଭିଡ଼ ଭିତରେ ବି ବେଶ୍ ସହଜରେ ଚିହ୍ନଟ କରିପାରୁଛି। ଆଉ ସହଜରେ ଅପରାଧୀକୁ ଧରିପାରୁଛନ୍ତି। କୁହାଯାଉଛି, ଉକ୍ତ ସନ୍‌ଗ୍ଲାସ୍ ସାହାଯ୍ୟରେ ଚାଇନା ପୋଲିସ ଅନେକ ଅପରାଧୀଙ୍କୁ ଧରି ସାରିଲେଣି। ଉକ୍ତ ହାଇଟେକ୍ ସନ୍‌ଗ୍ଲାସ୍ ଏକ ଗୁଗୁଲ ଗ୍ଲାସ୍ ଭଳି। ଏଥିରେ ହାଇଡେଫିନେଶନ କ୍ୟାମେରା ଲାଗିଛି। ଏହାର ସାମ୍ନାକୁ କେହି ଆସିଲେ କ୍ୟାମେରାଟି ବ୍ୟକ୍ତିଙ୍କୁ ଦେଖି ତାଙ୍କ ଚେହେରାକୁ ସ୍କାନ କରେ। ଉକ୍ତ କ୍ୟାମେରାକୁ ୱାୟରଲେସ୍ ଚିପ୍ ସାହାଯ୍ୟରେ ଚାଇନା ପୋଲିସଙ୍କ ସେଣ୍ଟ୍ରାଲ କମ୍ପ୍ୟୁଟର ଡାଟାବେସ୍ ସହ ସଂଯୋଗ କରିଥାଏ। ଫଳରେ ସନ୍‌ଗ୍ଲାସ୍‌ରେ ଦେଖାଯାଉଥିବା ଚେହେରାକୁ ଡାଟାବେସ୍ ସହ ମିଶାଇ ଜାଣିହୁଏ ବ୍ୟକ୍ତି ଜଣକ କିଏ। ସେ ଅପରାଧୀ କି ନୁହେଁ। ଆଉ ଏହି ଫେସ୍ ରିକଗ୍‌ନିଶନ କାମ ବହୁତ କମ୍ ସମୟରେ ବି ହୁଏ।

